





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୮ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 JUNE 2022
Vol.No. 35 ■ No. 167 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022








# ବିଦ୍ରୋହୀ ବିଧାୟକଙ୍କୁ ସୁପ୍ରିମକୋର୍ଟରୁ ବଡ ଆଶ୍ୱସ୍ତି

## ଉପବାଚସ୍ପତିଙ୍କ ନୋଟିସ ଉପରେ ଲାଗିଲା ରୋକ



ନୂଆଦିଲ୍ଲୀ, ୨୭/୦୬ : ମହାରାଷ୍ଟ୍ରର ରାଜନୈତିକ ବିବାଦ ଭିତରେ ସୁପ୍ରିମକୋର୍ଟଙ୍କ ଶୁଣାଣି । ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତିକୁ ରଦ୍ଦ କଲେ ଦୁଇ ଜଣିଆ ଖଣ୍ଡପୀଠ । ମହାରାଷ୍ଟ ଉପ-ବାଚସ୍ପତି, ଶିବସେନା ବିଧାୟକ ଦଳର ନେତାଙ୍କୁ ପକ୍ଷ ରଖିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସିନ୍ଦେ କ୍ୟାମ୍ପକୁ ଆଶ୍ୱସ୍ତି । ବିଦ୍ରୋହୀ ବିଧାୟକ କହିଲେ ଏହା ହେଉଛି ବାଲସାହେବ ଠାକରେଙ୍କ ହିନ୍ଦୁତ୍ୱର ବିଜୟ । ଆନାସ୍ଥା ପ୍ରସ୍ତାବ ପାଇଁ ଏକାନାଥ ସିନ୍ଦେଙ୍କ ପ୍ରସ୍ତୁତି । ସୁପ୍ରିମକୋର୍ଟରେ ପହଂଚିଛି ମହାରାଷ୍ଟ୍ରରେ ଦେଖାଦେଇଥିବା ରାଜନୈତିକ ବିବାଦ । ବିଦ୍ରୋହୀ ବିଧାୟକଙ୍କ ନେତା ଏକାନାଥ ସିନ୍ଦେଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଦୁଇଟି ମାମଲାର ଶୁଣାଣି କରି କୋର୍ଟ ଶିବସେନା ବିଧାୟକ ଦଳର ନେତା ଅଜୟ ଚୌଧୁରୀ ଏବଂ ସୁନିଲ ପ୍ରଭୁଙ୍କୁ ୫ ଦିନ ମଧ୍ୟରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୬ ବିଦ୍ରୋହୀ ବିଧାୟକଙ୍କ ପଦବୀ ରଦ୍ଦ ପାଇଁ ଉପ-ବାଚସ୍ପତି ଜାରି କରିଥିବା ନୋଟିସ୍ ବିରୋଧରେ ଦାଖଲ ମାମଲାରେ କୋର୍ଟ ମହାରାଷ୍ଟ୍ରର ଉପ ବାଚସ୍ପତି, ମହାରାଷ୍ଟ୍ର ସକ୍ରେଟେରୀ ଏବଂ କେନ୍ଦ୍ର ସରକାରକୁ ନୋଟିସ୍ ଜାରୀ କରିଛନ୍ତି । ବଦ୍ରୋହୀ ବିଧାୟକମାନଙ୍କୁ ଆଜି ଅପରାହ୍ଣ ସାଢେ ୫ ଟା ମଧ୍ୟରେ ପକ୍ଷ ରଖିବାକୁ ଉପ ବାଚସ୍ପତି ଦେଇଥିବା ସମୟ ଅବଧିକୁ ଆସନ୍ତା ଜୁଲାଇ ୧୧ ତାରିଖ ଅପରାହ୍ଣ ସାଢେ ୫ଟା ଯାଏ ଘୁଂଚାଇ ଦେଇଛନ୍ତି କୋର୍ଟ । ବିଦ୍ରୋହୀ ବିଧାୟକଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଦାଖଲ ମାମଲାରେ କୋର୍ଟ ସହାରାଷ୍ଟ୍ର ସରକାରଙ୍କୁ ବିଦ୍ରୋହୀ ବିଧାୟକ, ତାଙ୍କ ପରିବାର ଏବଂ ସମ୍ପତିକୁ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ମାମଲାର ପରବର୍ତି ଶୁଣାଣି ଜୁଲାଇ ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି ଦୁଇ ଜଣିଆ ଖଣ୍ଡପୀଠ । ଜଷ୍ଟିସ୍ ସୁର୍ଯ୍ୟକାନ୍ତ ଏବଂ ଜେ.ବି ପାରଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆମେ ସେଭଳି କୌଣସି ନିର୍ଦ୍ଦେଶ ଦେବୁ ନାହି, ଯେଉଁଥି ପାଇଁ ଅନାବଶ୍ୟକ ଅଡୁଆ ସଷ୍ଟି ହେବ । ଯଦି କିଛି ବେଆଇନ ହେଉଛି ତୁମେ ସୁପ୍ରିମକୋର୍ଟ ଆସିପାରିବ ବୋଲି ଖଣ୍ଡପୀଠ ଶିବସେନା ନେତୃତାଧିନ ଏମଭିଏ ସରକାରଙ୍କୁ କହିଛନ୍ତି । କୋର୍ଟ ମହାରାଷ୍ଟ୍ରର ଉପ ବାଚସ୍ପତିଙ୍କୁ ନୋଟିସ୍ ଜାରି କରି ତାଙ୍କ ବିରୋଧରେ ବିଦ୍ରୋହୀ ବିଧାୟକ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମତ ରଖିବାକୁ କହିଛନ୍ତି । କିନ୍ତୁ ୧୧ ତାରିଖ ମଧ୍ୟରେ ମହାରାଷ୍ଟ୍ର ବିଧାନସଭାରେ ଫ୍ଲୋର ଟେଷ୍ଟ ନ କରିବା ନେଇ ▶▶ପୃଷ୍ଠା ୭

# ରାଷ୍ଟ୍ରପତି ନିର୍ବାଚନ : ନାମାଙ୍କନ ଦାଖଲ କଲେ ମିଳିତ ବିରୋଧୀ ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନା



ନୂଆଦିଲ୍ଲୀ, ୨୭/୦୬ : ରାଷ୍ଟ୍ରପତି ନିର୍ବାଚନ ପାଇଁ ସୋମବାର ନାମାଙ୍କନ ଦାଖଲ କରିଛନ୍ତି ମିଳିତ ବିରୋଧୀଙ୍କ ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶଓ୍ୱନ୍ତ ସିହ୍ନା । ଏହି ଅବସରରେ ସଂସଦ ଭବନକୁ ୧୭ ବିରୋଧୀ ଦଳର ପ୍ରତିନିଧି ଆସି ବିରୋଧୀଙ୍କ ଏକଜୁଟତା ଦେଖାଇଛନ୍ତି । ରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଯଶଓ୍ୱନ୍ତ ସିହ୍ନା । ବିରୋଧୀ ଦଳର ନେତାଙ୍କ ସହ ସଂସଦଭବନକୁ ଆସି ସେ ପ୍ରାର୍ଥୀପତ୍ରର ୪ଟି ସେଟ୍ ଦାଖଲ କରିଛନ୍ତି । ରାଜ୍ୟସଭାର ମହାସଚିବ ତଥା ରାଷ୍ଟ୍ରପତି ନିର୍ବାଚନର ରିଟର୍ଣ୍ଣିଂ ଅଫିସର ପିସି ମୋଦିଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି ଯଶଓ୍ୱନ୍ତ ସିହ୍ନା । ପ୍ରାର୍ଥୀପତ୍ର ଦାଖଲ ସମୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ଏନସିପି ମୁଖ୍ୟ ଶରଦ ପାୱାର, ସପା ମୁଖିଆ ଅଖିଳେଶ ଯାଦବ, ଏନସି ନେତା ଫାରୁକ ଅବଦୁଲ୍ଲା, ବାମଦଳ ନେତା ଡି ରାଜା ପ୍ରମୁଖ ଉପସ୍ଥିତ ରହିଥିଲେ । ନାମାଙ୍କନ ଦାଖଲ ପରେ ସିହ୍ନା କହିଛନ୍ତି ଏହା ବିଚାରଧାରର ଲଢେଇ, ଆଉ ସେ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି । ରାଷ୍ଟ୍ରପତି ନିର୍ବାଚନର ସଂଖ୍ୟା ଗଣିତରେ ବିରୋଧୀଙ୍କ ପ୍ରାର୍ଥୀ ଯଶୋଓ୍ୱନ୍ତ ସିହ୍ନାଙ୍କ ଠାରୁ ଆଗରେ ରହିଛନ୍ତି ଗତ ସପ୍ତାହରେ ନାମାଙ୍କନ ଦାଖଲ କରିଥିବା ▶▶ପୃଷ୍ଠା ୭

## କରୋନା ଲକ୍ଷଣ ଥିଲେ, ଘରେ ରହି ଟିଭିରେ ରଥଯାତ୍ରା ଦେଖିବାକୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): କରୋନା ଲକ୍ଷଣ ଥିଲେ ପୁରୀ ନ ଯାଇ ଘରେ ଟିଭିରେ ରଥଯାତ୍ରା ଦେଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି ଯେ ରଥଯାତ୍ରା ପାଇଁ ପୁରୀରେ ମାସ୍କ ବାଧତାମୂଳକ କରାଯାଇଛି । ରାଜ୍ୟରେ କୋଭିଡ ସଂକ୍ରମଣ ଲଗାତାର ଉପର ମୁହାଁ ହେଉଛି । ଚଳିତ ଥର ଭକ୍ତଙ୍କ ସଂଖ୍ୟା ଅଧିକ ହେବାର ସମ୍ଭାବନା ରହିଛି । ତେଣୁ ଯେଉଁମାନଙ୍କଠାରେ କରୋନାର ଲକ୍ଷଣ ରହିଛି, ସେମାନେ ପୁରୀ ନ ଆସି ଘରେ ରହି ଟିଭିରେ ରଥଯାତ୍ରା ଦେଖିବା ଭଲ । ଉଲ୍ଲେଖନୀୟ ଯେ ରାଜ୍ୟରେ କରୋନା ମାମଲା ଲଗାତାର ବଢୁଛି । ରଥଯାତ୍ରାକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁରୀ ଜିଲ୍ଲା ପ୍ରଶାସନକୁ କୋଭିଡ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ସମୟରେ କୋଭିଡ-୧୯ ପଜିଟିଭ୍ ରୋଗୀଙ୍କୁ ଚିକିତ୍ସା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଡିପ୍ରେସନରେ ଥିଲେ ରାଇମୋହନ !



ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଓଡିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଖଳନାୟକ ରାଇମୋହନଙ୍କ ଆତ୍ମହତ୍ୟାର କାରଣ ଖୋଜୁଛି କମିଶନରେଟ୍ ପୋଲିସ୍ । ଏହା ମଧ୍ୟରେ ମୃତ୍ୟୁ ପୂର୍ବରୁ ରାଇମୋହନ ମେଂଟାଲ ଡିପ୍ରେସନରେ ଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ସେ କହିଛନ୍ତି ଯେ ବର୍ତ୍ତମାନ ମଞ୍ଚେଶ୍ୱର ଆଇଆଇସିଙ୍କ ଦ୍ୱାରା ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି । ପରିବାର, ପଡ଼ୋଶୀ, ଡ୍ରାଇଭର, ପରିଚିତ ଲୋକଙ୍କୁ ପଚରାଉଚରା କରାଯାଉଛି । ରାଇମୋହନଙ୍କ ଫୋନ୍ ଜବତ କରିଯାଇଛି, ସେଥିରୁ କିଛି ସୁରାକ ମିଳିପାରେ ବୋଲି ଆଶା କରାଯାଉଛି । ତଦନ୍ତରୁ ରାଇମୋହନ ମାନସିକ ଅବସାଦରେ ଥିବା ପରି ଜଣାପଡୁଛି । ଏହା ପଛର କାରଣ ପରିବାର ଲୋକ ନିର୍ଦ୍ଦିଷ୍ଟ ଭାବେ କହିପାରୁନାହାନ୍ତି । ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଅଧିକ ସ୍ପଷ୍ଟ ହୋଇପାରିବ । ସେହିପରି ପୂର୍ବରୁ ଥରେ ରାଇମୋହନ ମଞ୍ଚେଶ୍ୱର ଥାନାକୁ ଆସିଥିଲେ । ତେବେ ସେ ଏକ ବ୍ୟକ୍ତିଗତ କାମ ପାଇଁ ଆସିଥିଲେ ବୋଲି କହିଛନ୍ତି ଡିସିପି । ସୂଚନାଯୋଗ୍ୟ ଗତ ଶୁକ୍ରବାର ଦିନ ପ୍ରାଚୀବିହାର ସ୍ଥିତ ଘରୁ ରାଇମୋହନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ପ୍ରାଥମିକ ଭାବେ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ପରିବାର ଲୋକଙ୍କୁ ପଚରାଉଚରା ଜାରି ରହିଛି ।

# ପେଟ୍ରୋଲ ବଞ୍ଚାଇବା ପାଇଁ ଶ୍ରୀଲଙ୍କାର ଉପାୟ: ସ୍କୁଲ ବନ୍ଦ, ଘରୁ କାମ କରୁଛନ୍ତି କର୍ମଚାରୀ

ନୂଆଦିଲ୍ଲୀ, ୨୭/୦୬ : ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାର ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି । ବିଦେଶୀ ମୁଦ୍ରାର ଅଭାବ ଯୋଗୁଁ ଶ୍ରୀଲଙ୍କା ନିଜ ଦେଶର ଲୋକଙ୍କ ପାଇଁ ଜରୁରୀ ସାମଗ୍ରୀ ମହଜୁଦ ରଖିପାରୁନାହିଁ । ପେଟ୍ରୋଲ, ଡିଜେଲକୁ ନେଇ ଏଭଳି ସ୍ଥିତି ଛିଡା ହୋଇଛି ଯେ ସରକାର ଏବେ ସେନାର ସାହାଯ୍ୟ ନେଉଛି । ପେଟ୍ରୋଲରେ ଲାଇନରେ ଛିଡା ହୋଇଥିବା ଲୋକଙ୍କୁ ଶ୍ରୀଲଙ୍କାର ସେନା ଟୋକନ ବାଣ୍ଟୁଛନ୍ତି । ସେପଟେ ଇନ୍ଧନ ବଞ୍ଚାଇବା ପାଇଁ ସ୍କୁଲ ବନ୍ଦ କରିବା ସହ କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀଲଙ୍କାରେ ଏବେ ପେଟ୍ରୋଲ ଦର ୫୦୦ ପାଖାପାଖି ଥିବା ବେଳେ ଡିଜେଲ ଦର ୪୫୦ ଟଙ୍କାରୁ ଅଧିକ ରହିଛି । ତେବେ ସେଠାରେ ପେଟ୍ରୋଲ ପାଇଁ ଲୋକମାନେ ଲମ୍ବା ଲାଇନ ଲଗାଇଛନ୍ତି । ପେଟ୍ରୋଲ କିଣିବା ଆଶାରେ ଅନେକ ଦିନ ହେବ ଲୋକମାନେ ଏଠାରେ ଲାଇନରେ ଛିଡା ହୋଇଛନ୍ତି । ଶ୍ରୀଲଙ୍କା ପାଖରେ ଏବେ ୯ ହଜାର ଟନ ଡିଜେଲ ଓ ୬ ହଜାର ଟନ ପେଟ୍ରୋଲ ଭଣ୍ଡାର ବଞ୍ଚିଛି ।

# ପୁଣି ଆକ୍ସନ ମୋଡରେ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ : ବିଳମ୍ବରେ ଯାଉଥିବା ଦୁଇ ଶିକ୍ଷୟିତ୍ରୀଙ୍କୁ ବାଟରେ କଲେ ତାଗିଦ



ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଆକ୍ସନ ମୋଡରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ । ଶିକ୍ଷୟିତ୍ରୀ ବିଳମ୍ବରେ ସ୍କୁଲ ଯାଉଥିବାରୁ ପିପିଲି ଟୋଲଗେଟ ନିକଟରେ ରାସ୍ତାରେ ଅଟକାଇ ସେମାନଙ୍କୁ ତାଗିଦ କରିଛନ୍ତି ମନ୍ତ୍ରୀ । ସ୍କୁଲ ଖୋଲିବା ସମୟ ଦିନ ୧୦ଟା ଥିବାବେଳେ ଏତେ ବିଳମ୍ବ କାହିଁକି ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାପରେ ଟୋଲଗେଟରୁ ସିଧା ସ୍କୁଲରେ ପହଞ୍ଚିଥିଲେ ମନ୍ତ୍ରୀ । ସ୍କୁଲରେ ପହଞ୍ଚିବା ପରେ କେବଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବହେଳା ନୁହେଁ ବିଦ୍ୟାଳୟର କାଗଜ ପତ୍ରରେ ମଧ ଅନିୟମିତତା ଦେଖିବାକୁ ପାଇଥିଲେ ମନ୍ତ୍ରୀ । ଏହାପରେ ୮ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ । ଦୁଇଜଣ ଶିକ୍ଷୟିତ୍ରୀ ସ୍କୁଟିରେ ସ୍କୁଲ ଯାଉଛନ୍ତି । ହଠାତ ସ୍କୁଟି ଆଗରେ ଅଟକିଲା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଗାଡି । ମନ୍ତ୍ରୀ ଶିକ୍ଷୟିତ୍ରୀଙ୍କୁ ପଚାରଥିଲେ ସ୍କୁଲ ଖୋଲିବା ସମୟ ଦିନ ୧୦ଟା ଥିବାବେଳେ ଏତେ ବିଳମ୍ବ କାହିଁକି ହେଲା । ସାମ୍ନାରେ ମନ୍ତ୍ରୀଙ୍କୁ ଦେଖି ଅତମତ ହୋଇ ଯାଇଥିଲେ ଦୁଇ ଶିକ୍ଷୟିତ୍ରୀ । ସ୍କୁଲକୁ ବିଳମ୍ବରେ ଯାଉଥିବା ନେଇ କୌଣସି ସନ୍ତୋଷ ଜନକ ଉତର ଦେଇପାରିନଥିଲେ । ଏହାପରେ ଟୋଲଗେଟରୁ ସିଧା ସ୍କୁଲରେ ପହଂଚିଥିଲେ ମନ୍ତ୍ରୀ । ସେତେବେଳେ ସମୟ ଥିଲା ଦିନ ୧୦.୨୩ ମିନିଟ ଓ ସ୍କୁଲ ପରିସର ଦୃଶ୍ୟ ଏମିତି ଥିଲା । ସ୍କୁଲ ହତାରେ ଛାତ୍ରଛାତ୍ରୀ ଏଣେ ତେଣେ ବୁଲୁଥିଲେ, ଶିକ୍ଷକ ଶିକ୍ଷୟିତ୍ରୀ ▶▶ପୃଷ୍ଠା ୭

## ଆଚାର୍ଯ୍ୟବିହାର ଫ୍ଲାଏଓଭରରେ ବାଇକ୍ ସହ ଯୁବକ ଜଳିଯିବା ଘଟଣାରେ ମୃତକଙ୍କ ପରିଚୟ ମିଳିଲା

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଭୁବନେଶ୍ୱର ଆଚାର୍ଯ୍ୟବିହାର ଫ୍ଲାଏଓଭରରେ ବାଇକ୍ ସହ ଯୁବକ ଜଳିଯିବା ଘଟଣାରେ ମୃତକଙ୍କ ପରିଚୟ ମିଳିଛି । ମୃତ ଯୁବକ ଜଣକ ଅମ୍ବିକା ପ୍ରସାଦ ପତି ଓ ତାଙ୍କ ଘର ଜଗତସିଂହପୁର ଜିଲ୍ଲା ପୁରୋହିତପୁରରେ ବୋଲି ସୂଚନା ମିଳିଛି । ଅମ୍ବିକା ଏକ କମ୍ପାନୀର ମାର୍କେଟିଂରେ କାମ କରୁଥିବା ବେଳେ କେସୁରାରେ ଘର ଭଡ଼ା ନେଇ ରହୁଥିଲେ । ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ସେ ଗତକାଲି ରାତିରେ ଚନ୍ଦ୍ରଶେଖରପୁର ଯାଇଥିଲେ । ମାତ୍ର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିଲା । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ଆଚାର୍ଯ୍ୟବିହାର ଫ୍ଲାଏଓଭର ବ୍ରିଜରେ ଏକ ବାଇକ୍ ହୁତୁହୁତୁ ହୋଇ ଜଳୁଥିଲା । ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ନିକଟକୁ ଯିବାରୁ ବାଇକ୍ ଚାଳକଜଣକ ମଧ ସେଠାରେ ଜଳୁଥିବା ଦେଖିବାକୁ ପାଇଥିଲେ । ଖବର ପାଇ ସହିଦନଗର ପୋଲିସ୍ ପହଂଚି ପୋଡା ବାଇକ୍ ଜବତ କରିବା ସହ ଏହାର ଚାଳକଙ୍କୁ ଉଦ୍ଧାର କରିଥିଲା ।

## ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ବିଭିନ୍ନ ଦାବି ନେଇ ଜୁଲାଇ ୧ ତାରିଖରେ ବସ୍ ଧର୍ମଘଟ ଡାକରା ଦେଇଥିବା ଓଡ଼ିଶା ବସ୍ ମାଲିକ ସଙ୍ଘ ଏହାକୁ ସ୍ଥଗିତ ରଖିବାକୁ ନିଷ୍ପତି ନେଇଛି । ବସ୍ ଧର୍ମଘଟ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି ସଙ୍ଘ । ବସ୍ ମାଲିକ ସଙ୍ଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ରଥଯାତ୍ରାକୁ ଦେଖି ବସ୍ ଧର୍ମଘଟ ସ୍ଥଗିତ ରଖାଯାଇଛି । ଜୁଲାଇ ସୁଦ୍ଧା ଦାବି ପୂରଣ ପାଇଁ ସଙ୍ଘ ରାଜ୍ୟ ସରକାରଙ୍କୁ ଅପିଲ କରିଛି । ଯଦି ସରକାର ଜୁଲାଇ ମାସ ସୁଦ୍ଧା ଦାବି ପୂରଣ ନ କରନ୍ତି, ତାହାହେଲେ ଅଗଷ୍ଟରେ ପୁଣି ଧର୍ମଘଟକୁ ଓହ୍ଲାଇବ ବସ୍ ମାଲିକ ସଙ୍ଘ ।

# ଜମି ଦୁର୍ନୀତି ମାମଲାରେ ଜେରା ପାଇଁ ଶିବସେନା ସାଂସଦଙ୍କୁ ଇଡିର ସମନ



ନୂଆଦିଲ୍ଲୀ, ୨୭/୦୬ : ବଡ ସଙ୍କଟ ଦେଇ ଗତି କରୁଛି ମହାରାଷ୍ଟ୍ର ମହାବିକାଶ ଅଘାଡ଼ି । କୌଣସି ମୁହୂର୍ତରେ ଭାଙ୍ଗିପାରେ ସରକାର । ଗଠନ ହୋଇପାରେ ନୂଆ ସରକାର । ଏହା ଭିତରେ ଶିବସେନା ସାଂସଦ ସଂଜୟ ରାଉତଙ୍କୁ ସୋମବାର ବଡ ଝଟକା ମିଳିଛି । ଦୁର୍ନୀତି ମାମଲାରେ ସଂଜୟ ରାଉତଙ୍କୁ ଜେରା ପାଇଁ ନୋଟିସ ପଠାଇଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ୨୮ ତାରିଖ ଦିନ ମହାରାଷ୍ଟ୍ର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ସମନରେ କୁହାଯାଉଛି । କିଛି ଦିନ ପୂର୍ବରୁ ସାମ୍ନାକୁ ଆସିଥିବା ପ୍ରବୀଣ ରାଉତ ଓ ପାତ୍ରା ଚାଲ ଜମି ଦୁର୍ନୀତି ମାମଲାରେ ଏହି ସମନ ସଂଜୟଙ୍କୁ ପଠାଯାଇଛି । ମାମଲାରେ ପାଖାପାଖି ୧୧ଶହ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଜଣାପଡିଛି । ଏହି ମାମଲାରେ ପୂର୍ବରୁ ସଂଜୟଙ୍କ ସହଯୋଗୀ ପ୍ରବୀଣ ରାଓ୍ୱତ ୯କୋଟି ଟଙ୍କା ଓ ସାଂସଦଙ୍କ ପତ୍ନୀ ୨କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗରେ ପ୍ରଥମେ ଜେରା ଓ ପରେ ଗିରଫ କରିସାରିଛି ଇଡି । ଜମି ଦୁର୍ନୀତି ଅଭିଯୋଗ ଆସିବା ପରେ ଏପ୍ରିଲ ୫ ତାରିଖରେ ଇଡି ସଂଜୟ ରାଉତଙ୍କ ସମ୍ପତି ଆଟାଚ କରିଥିଲା । ଗୋଟେ ପଟେ ସଂଜୟ ରାଉତଙ୍କ ନାଁରେ ଇଡି ସମନ ଜାରି କରିଥିବାବେଳେ ଅନ୍ୟପଟେ ଉଦ୍ଧବ ଠାକରେ ଆକ୍ସନ ମୋଡକୁ ଆସି ୯ଜଣ ବିଦ୍ରୋହୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ୯ଜଣ ମନ୍ତ୍ରୀଙ୍କ ହାତରୁ ଉଦ୍ଧବ ଠାକରେ ବିଭାଗ ଛଡାଇନେଇଛନ୍ତି ।

# ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୨୭/୦୬ (ନି.ପ୍ର): ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ଜାରି ରହିଛି । ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୧୨ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଂଜାମ, ମୟୂରଭଂଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସହ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୮ରୁ ୨୯ ତାରିଖ ମଧ୍ୟରେ ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଂଜାମ, ନୟାଗଡ, ବୌଦ୍ଧ, ସୋନପୁର, ସମ୍ବଲପୁର, ଅନୁଗୁଳ, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ ଓ ବରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ରଥଯାତ୍ରାରେ ପଞ୍ଚସ୍ତରୀୟ ସୁରକ୍ଷା ଓ ତ୍ରିସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥା

ପୁରୀ, ୨୭/୦୬ (ନି.ପ୍ର): ରଥଯାତ୍ରାରେ ପାଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ତ୍ରିସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥା କରାଯିବ । ଆଜି ପୁରୀ ଠାରେ ରଥଯାତ୍ରାକୁ ନେଇ ସମୀକ୍ଷା ବୈଠକ ପରେ ଡିଜିପି ସୁନିଲ ବଂଶଲ ଏହି ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ରଥଯାତ୍ରାରେ ପାଞ୍ଚସ୍ତରୀୟ ସୁରକ୍ଷା ଅନ୍ତର୍ଗତ ୧୮୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଏଥିସହିତ ଟାକ୍ଟିକାଲ ୟୁନିଟ, ବମ୍ ଡିସ୍ପୋଜାଲ ସ୍କ୍ୱାଡ୍ ସହ ତଟ ସୁରକ୍ଷା ବାହିନୀ ନିୟୋଜିତ ହେବେ । ସେହିପରି ପୁରୀ ସହରରେ ତ୍ରିସ୍ତରୀୟ ଟ୍ରାଫିକ ବ୍ୟବସ୍ଥା କରାଯିବ । ପୁରୀ ସହରକୁ ୧୦ଟି ଜୋନ୍ ଓ ୨୯ଟି ସେକ୍ଟରରେ ବିଭକ୍ତ କରାଯାଇଛି । ତିନୋଟି ପର୍ଯ୍ୟାୟରେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ନବଯୌବନ ଦର୍ଶନ, ଉଭାଯାତ୍ରା ଓ ରଥଯାତ୍ରା, ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ଦର୍ଶନ ଓ ବାହୁଡ଼ାଯାତ୍ରା, ତୃତୀୟ ପର୍ଯ୍ୟାୟରେ ସୁନାବେଶ ଓ ନିଳାଦ୍ରୀ ବିଜେକୁ ନେଇ କରାଯାଇଛି ଟ୍ରାଫିକ ବ୍ୟବସ୍ଥା । ଏନେଇ କରାଯାଇଛି ଡିଜିଟାଲ ରୁଟ୍ ପ୍ଲାନ । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି । ସେମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ୮ଟି ପାର୍କିଂ ସ୍ଥଳ କରାଯାଇଛି । ଭୁବନେଶ୍ୱର ଓ କୋଣାର୍କ ଆଡୁ ପୁରୀ ଆସୁଥିବା ଲୋକେ ମାଳତୀପାଟପୁର ଓ ତାଳବଣିଆରେ, ବ୍ରହ୍ମଗିରି ପଟୁ ଆସୁଥିବା ଲୋକ ଜଗନ୍ନାଥ ବଲ୍ଲଭ, ବୁଫ୍ଲାଗ ବିଚ୍ ପାର୍କିଂ, ନୀଳାଚଳ ଅଶୋକ ଓ ଯାତ୍ରୀକାରେ ଗାଡ଼ି ପାର୍କିଂ କରିବେ ।

# ଡ୍ରଗ୍ସ ଅପବ୍ୟବହାର ଓ ଅନୈତିକ କାରବାର ବିରୋଧ ଦିବସ ପାଳିତ

ପୁରୀ,୨୭/୦୬ (ନି.ପ୍ର): ନିଶା ଏକ ମାରାତ୍ମକ ବ୍ୟାଧି ।ଏଥିରେ ବିଶେଷ ଭାବରେ ଯୁବ ବର୍ଗ ପ୍ରଭାବିତ ହେଉଥିବାରୁ ସେମାନଙ୍କୁ ସଚେତନ କରି ଭଲ ବାଟକୁ ଫେରେଇ ଆଣିବା ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ମତ ଦେଇଛନ୍ତି । ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ କାରବାର ବିରୋଧି ଅନ୍ତରାଷ୍ଟ୍ରୀୟ ଦିବସ ରବିବାର ପୂର୍ବାହ୍ନରେ ପାଳିତ ହୋଇଥିଲା । ଟାଉନ ଥାନା ନିକଟରୁ ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ବର୍ମା ଉଦଘାଟନ କରିବା ସହ ମାଦକ ପଦାର୍ଥ ବ୍ୟବହାରର ଅପକାରିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବାକୁ ନିରନ୍ତର ଉଦ୍ୟମ ପାଇଁ ପରାମର୍ଶ ଦେଇଥିଲେ । ଏହି ଶୋଭାଯାତ୍ରାରେ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନା, ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶୋଭାଯାତ୍ରା ଦିଗବାରେଣୀ ସମୁଦ୍ର କୂଳରେ ପହଂଚି ଥିଲା । ଏହି ଅବସରରେ ଅବକାରୀ ବିଭାଗ ସହଯୋଗ ରେ ରଞ୍ଜନ ଗାଂଗୁଲିଙ୍କ ଦ୍ୱାରା ଏକ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା । ସେହିପରି ଗୁଣ୍ଡିଚା ମନ୍ଦିର ନିକଟରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାଦକ ଦ୍ରବ୍ୟର ଅପବ୍ୟବହାର ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିଲ୍ଲୀପ କୁମାର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିମା ପଟ୍ଟନାୟକ,ଜିଲ୍ଲା ପରାମର୍ଶଦାତା ସିଦ୍ଧାର୍ଥ ରାୟ,ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତା, ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ ।

# ପ୍ରଚାରରୁ ଦୂରରେ ଜଣେ ସାରସ୍ୱତ ସାଧକ ଡ. ରାଧାକାନ୍ତ ମିଶ୍ର

ବଲାଙ୍ଗିର,୨୭/୦୬ (ନି.ପ୍ର): ଆମ ସମାଜରେ ଏବେ ବି ଅନେକ ସାହିତ୍ୟ ସ୍ରଷ୍ଟା ଅଛନ୍ତି ଯେଉଁ ମାନଙ୍କ ଭିତରେ ଅଗାଧ ପାଣ୍ଡିତ୍ୟ ଓ ସୃଜନଶୀଳତା ଭରି ରହିଥିଲେ ମଧ ସେମାନେ ଲୋକଲୋଚନରୁ ବହୁ ଦୂରରେ ରହିଛନ୍ତି । ଭାଷା ଓ ସାହିତ୍ୟ ଭଣ୍ଡାରକୁ ଅନେକ କିଛି ଅମୂଲ୍ୟ ଭେଟି ଦେଇ ସାରିବା ପରେ ମଧ ଏମାନଙ୍କ ପ୍ରତିଭା ଓ ଉତ୍ସର୍ଗୀକୃତ ମନୋଭାବକୁ ସମାଜ ଆଦୌ ଚିହ୍ନପାରି ନଥାଏ । ବିଡମ୍ବନାର ବିଷୟ ହେଲା, ବଣର ମଲ୍ଲୀ ପରି ବଣରେ ଫୁଟି ଝାଉଁଳି ପଡିବା ପରି ଏମାନଙ୍କ ପ୍ରତିଭାର ମହକକୁ କେହି ଜାଣି ପାରନ୍ତି ନାହିଁ । ଇଂରାଜୀ ଭାଷା ସାହିତ୍ୟର ଏପରି ଜଣେ ଲୁକ୍କାୟିତ ପ୍ରତିଭା ଓ ନୀରବ ସାଧକ ହେଉଛନ୍ତି ଡ.ରାଧାକାନ୍ତ ମିଶ୍ର । ଜଣେ ଅବସରପ୍ରାପ୍ତ ଅଧାପକ ଭାବରେ କେବଳ କଲେଜରେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଦାନ ଭିତରେ ନିଜକୁ ସୀମିତ ନ ରଖି ବୟସର ଅପରାହ୍ନରେ ବି ନିଜ ଲେଖନୀ ଚାଳନା ଜାରୀ ରଖିଛନ୍ତି ଏହି ସାରସ୍ୱତ ସାଧକ ଜଣକ । ଇଂରାଜୀ ଭାଷାରେ ଏଯାବତ ଦୁଇଟି ଉପାଦେୟ ପୁସ୍ତକ ରଚନା କରି ସାରିଥିବା ରାଧାକାନ୍ତ ମିଶ୍ରଙ୍କର ବୟସ ୭୫ ଛୁଇଁଲାଣି । ଶାରିରିକ ଅସୁସ୍ଥତା ଓ ପ୍ରତିକୂଳ ପରିସ୍ଥିତି କେବେ ବି ରାଧାକାନ୍ତଙ୍କୁ ନିଜ ସାଧାନରୁ ବିଚ୍ୟୁତ କରିପାରି ନାହିଁ । ସାହିତ୍ୟ ସାଧନାରେ ବ୍ରତୀ ଏହି ବିଜ୍ଞ ପୁରୁଷଙ୍କ ରଚନା ପ୍ରଚାରଧର୍ମୀ ନୁହେଁ ବଂର ମାନବଧର୍ମୀ ଅଟେ । ତାଙ୍କ ଲେଖନୀରେ ରହିଛି ମାନବୀୟ ଚେତନାବୋଧର ସ୍ୱର, ସମାଜରେ ଘଟୁଥିବା ନାରୀ ନିର୍ଯ୍ୟତନାର କରୁଣ କାହାଣୀ । ନିଜର ଲେଖନୀ ମାଧମରେ ସମାଜକୁ ପଥପ୍ରଦର୍ଶନ କଲା ଭଳି ତଥା ସମାଜର ଶେଷ ସ୍ତରର ଲୋକଙ୍କ କଥା କହୁଥିବା ରାଧାକାନ୍ତ ମିଶ୍ର କେବେ ବି ନିଜକୁ ପ୍ରଜ୍ଞାପିତ କରି ନାହାନ୍ତି କି ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଁ ଲାଳାୟିତ ହୋଇ ନାହାନ୍ତି । ନିଜର ଲେଖନୀ ମାଧମରେ ସମାଜକୁ ଆଲୋକ ଦେଖାଉଥିବା ଏହି ଲେଖକ ସ୍ୱୟଂ ଅନ୍ଧାରରେ । ଲେଖକଙ୍କ ମୂଲ୍ୟବାନ ଲେଖା ଓ ସନ୍ଦର୍ଭକୁ ସାରସ୍ୱତ ଜଗତର ଏକ ଆଲୋକିତ ପରିସରକୁ ଅଣାଯାଇ ପାରିଲେ ନିଶ୍ଚିତ ଭାବେ ଆମ ସମାଜ ଏହାଦ୍ୱାରା ଲାଭାନ୍ୱିତ ହୋଇ ପାରନ୍ତା । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରିଏଟ୍ ଲାଭ କରିଥିବା ଇଂରାଜୀ ସାହିତ୍ୟର ଜଣେ ଧୁରୀଣ ସ୍ରଷ୍ଟା ଭାବରେ ଏଯାବତ ୫୦ ରୁ ଅଧିକ ଇଂରାଜୀ ଜର୍ଣ୍ଣାଲରେ ଲେଖା ବାହାରି ସାରିଲାଣି । କେରଳର ପ୍ରସିଦ୍ଧ କବୟିତ୍ରୀ କମଳା ଦାସ ଓ ସେକ୍ସପିୟରଙ୍କ ଲେଖା ସବୁକୁ ବିଶ୍ଳେଷଣ କରି ଲେଖକ ଶ୍ରୀ ମିଶ୍ର ଅନେକ ସୃଜନାତ୍ମକ ଲେଖା ସୃଷ୍ଟି କରିଛନ୍ତି । ରାଜ୍ୟ ବାହାରର ଅନେକ ସ୍ଥାନରେ ଶ୍ରୀ ମିଶ୍ର ନିଜର ଗବେଷଣାଧର୍ମୀ ସନ୍ଦର୍ଭ ପାଠ କରି ସାରିଛନ୍ତି । ବନାରସ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଶ୍ରୀ ମିଶ୍ର ନିମନ୍ତ୍ରିତ ହୋଇ ସେଠାରେ ତାଙ୍କ ସନ୍ଦର୍ଭ ପାଠ କରି ନିଜର ପ୍ରତିଭାର ପରିଚୟ ଦେଇ ପାରିଛନ୍ତି । ଦୁଇଟି ପୁସ୍ତକ ସମେତ ଅନେକ ଇଂରାଜୀ ଆଲେଖ୍ୟର ସଫଳ ସ୍ରଷ୍ଟା ରାଧାକାନ୍ତ ମିଶ୍ର ଜୀବନର ଶେଷ ମୁହୂର୍ତ ପର୍ଯ୍ୟନ୍ତ ଲେଖି ଚାଲିଥିବେ ବୋଲି କହିଛନ୍ତି । ୨୦୦୬ ମସିହାରେ ଟିଟିଲାଗଡ଼ ଡିଏଭି କଲେଜରୁ ଜଣେ ଇଂରାଜୀ ପ୍ରଫେସର ଭାବରେ ଅବସର ଗ୍ରହଣ କରିବା ପରେ ନିଜ ଜନ୍ମମାଟି ବଲାଙ୍ଗିରକୁ ଫେରିଆସିଥିଲେ ରାଧାକାନ୍ତ ମିଶ୍ର । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ବି ଥକି ପଡି ନାହାନ୍ତି ଶ୍ରୀ ମିଶ୍ର । ନିଜର ଲେଖନୀ ମୂନକୁ ଆହୁରି ଶାଣିତ କରିଚାଲିଛନ୍ତି ସେ । ବଲାଙ୍ଗିର ସହର ମହାଲକ୍ଷ୍ମୀ ନଗରରେ ସହଧର୍ମିଣୀ ଗୀତାଞ୍ଜଳି ଓ ପୁଅ ଦେବଦତଙ୍କ ସହ ସାରସ୍ୱତ ସାଧନାରେ ମଗ୍ନ ଶ୍ରୀ ମିଶ୍ର । ତିନୋଟି ପୁଅ ମଧ୍ୟରୁ ଦୁଇ ଜଣ ବାଙ୍ଗାଲୋରରେ ସଫ୍ଟୱେର ଇଂଜିନିୟର ଭାବେ କାର୍ଯ୍ୟରତ ଥିବାବେଳେ ସାନ ପୁଅ ମଧ ପେଶାରେ ଇଂଜିନିୟର ଥାଇ ବି କେବଳ ବାପାମାଙ୍କ ସେବା ଶୁଶୃଷା ପାଇଁ ବାଙ୍ଗାଲୋର ଛାଡି ନିଜ ବାପା ମାଙ୍କ ସହ ରହୁଛନ୍ତି । ସମକାଳୀନ କବି ଓ ଲେଖକ ମାନଙ୍କ ମଧରେ ଇଂରାଜୀ ଭାଷା ସାହିତ୍ୟରେ ଲେଖନୀ ଚାଳନା କରିବା କ୍ଷେତ୍ରରେ ରାଧାକାନ୍ତ ମିଶ୍ରଙ୍କ ନାମ ସର୍ବାଗ୍ରେ ରହିବ ।

# ରାଣୀ ଦୁର୍ଗାବତୀଙ୍କ ୪୫୮ ତମ ବଳିଦାନ ଦିବସ ପାଳନ

ବଲାଙ୍ଗିର,୨୭/୦୬ (ନି.ପ୍ର): ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ତେଲେନପାଲି ପଚାଂୟତ ସ୍ଥାନୀୟ ବଜାର ପ୍ରାଙ୍ଗଣରେ ଗୋଣ୍ଡୱାନା ସାମ୍ରାଜ୍ୟର ମହାନ ବିରଙ୍ଗନା ରାଣୀ ଦୁର୍ଗାବତୀଙ୍କର ୪୫୮ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । ଉକ୍ତ ସହୀଦ ଦିବସରେ ଗୋଣ୍ଡୱାନା ଛାତ୍ର ସଂଗଠନ(ଜିଏସ୍ୟୁ) ଖପ୍ରାଖୋଲ ବ୍ଲକ ସଭାପତି ତନ୍ତ୍ର ଧରୁଆଙ୍କ ଅଧକ୍ଷତାରେ ବଳିଦାନ ଦିବସ ଅବସରରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବ୍ଲକ ଗୋଣ୍ଡ ସାଂସ୍କୃତିକ ସମାଜ ସଭାପତି ଚଉବନ ମାଝୀ, ସମ୍ମାନିତ ଅତିଥି ରୂପେ କ୍ଷୀରଧର ମାଝୀ, ହେମକାନ୍ତି ନାଏକ, ଲୋଭାବତୀ ଧରୁଆ, ପୂର୍ଣ୍ଣଚନ୍ଦ୍ର ଭୋଇ, ଟିକେଶ୍ୱର ଧରୁଆ, ବିପ୍ର ବିଶି, ସତ୍ୟାନନ୍ଦ ଭୋଇ, ଗୁପ୍ତେଶ୍ୱର କୁଅଁର, ଅଷ୍ଟମୁ ମାଝୀ, ଶଶିକାନ୍ତ ବିଶି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଧରମ ସିଂ ଧରୁଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ରାଣୀ ଦୁର୍ଗାବତୀଙ୍କର ବଳିଦାନ, ତ୍ୟାଗ ଇତିହାସ ଏବଂ ଜଣେ ନାରୀ ହିସାବରେ କେମିତି ଗୋଣ୍ଡୱାନା ସାମ୍ରାଜ୍ୟକୁ ମୋଗଲମାନଙ୍କଠାରୁ ସୁରକ୍ଷିତ ରଖି ପାରିଥିଲେ ଏବଂ ବିରଙ୍ଗନା ଦୁର୍ଗାବତୀ ଜଣେ ସାହସୀ, ମହିୟସୀ କ୍ରାନ୍ତିକାରୀ ମହିଳା ଥିଲେ ସେଥିପାଇଁ ତାଙ୍କର ପୁଣ୍ୟଜନ୍ମ ତିଥି ଏବଂ ବଳିଦାନ ଦିବସକୁ ମନେ ପକେଇବା ସହ ସମାଜର ମହିଳା ମାନେ ଦୁର୍ଗାବତୀଙ୍କର ପଥକୁ ଅନୁସରଣ କରିବା ପାଇଁ ଅନୁରୋଧ କରିଥିଲେ । ବଳିଦାନ ଦିବସ ଅବସରରେ ଗୋଣ୍ଡ ସମାଜର ଇତିହାସ, ସାହିତ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ତେଲେନପାଲି ବଜାର ପ୍ରାଙ୍ଗଣରେ ଠାରେ 'ବୁଢ଼ାଦେଓ ପାଠାଗାର ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଏବଂ ସମସ୍ତ କର୍ମକର୍ତାଙ୍କ ଗହଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଉକ୍ତ ମହାନ ଦିବସରେ ଜିଏସ୍ୟୁ ଉପସଭାପତି ନିରୁପମା କୁଅଁର, ପ୍ରଚାର ସଚିବ ଶଶିକାନ୍ତ ଧରୁଆ, ସଚିବ କ୍ଷୀରଧର ମାଝୀ, ସଭ୍ୟ ସୁବାଷ ଧରୁଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଦି ମୁଖିଆ ସର୍କଲ ସଭାପତି ସହ ଭରତ ବିଶି, ହୁଁକାର ଭୁଏ, ନଳିନୀ ଧରୁଆ, ଘନ ଭୋଇ, ମହାଦେବ ମାଝୀ ଉପସ୍ଥିତ ରହିଥିଲେ । ସହୀଦ ଦିବସ କାର୍ଯକ୍ରମକୁ ଗୋଲାପ ବିଶି ସଭାପରିଚାଳନା କରିଥିବା ବେଳେ ଲଛମନ ପୁଝାରି ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର ଓ ପ୍ରାଥମିକ ଚିକିତ୍ସା ଶିବିର

ପୁରୀ,୨୭/୦୬ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରକ୍ତର ଆବଶ୍ୟକତା ଅଧିକ ରହିଥାଏ । ପ୍ରାଥମିକ ଚିକିତ୍ସା ପ୍ରାପ୍ତ ହୋଇଥିବା ସମାଜସେବୀ ଙ୍କ ଆବଶ୍ୟକତା ରହିଥାଏ । ଯେଉଁ ମାନଙ୍କର ଅଭିଜ୍ଞତାର ଆବଶ୍ୟକତା ରହିଥାଏ ଯାହାକୁ ନେଇ ବ୍ଲଡ ଗଛିତ ରହିବା ଆବଶ୍ୟକ ଯାହାକୁ ଆଧାର କରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ସେଣ୍ଟ ଜନ୍ ଆମ୍ବୁଲାନ୍ସ ତରଫରୁ ଅନୁଷ୍ଠିତ ହୋଇଯାଇଛି ।

# ଟିକାବାଲି ବସଷ୍ଟାଣ୍ଡ ରାସ୍ତା ଅବସ୍ଥା ଶୋଚନୀୟ: ଶୀଘ୍ର ମରାମତି ନ ହେଲେ ଆନ୍ଦୋଳନ

କନ୍ଧମାଳ,୨୭/୦୬ (ନି.ପ୍ର): କନ୍ଧମାଳ ଜ଼ିଲ୍ଲା ଟିକାବାଲି ବ୍ଲକ୍ ମୁଖ୍ୟାଳୟରେ ଥିବା ବସଷ୍ଟାଣ୍ଡର ପ୍ରବେଶ ରାସ୍ତା ଅତି ଖରାପ ହୋଇଯାଇଛି । ଫଳରେ ଷ୍ଟାଣ୍ଡ ଭିତରକୁ ଯିବାବେଳେ ପ୍ରବେଶ ପଥରେ ଥିବା କାଦୁଅରେ ଗାଡି ଯାତାୟତ କରି ସେହି ରାସ୍ତାଟି ଆହୁରି ପାଣିକାଦୁଅ ପଚପଚ ହୋଇଛି । ତେଣୁ ସେଠାକୁ ଯାଉଥିବା ଗାଡିମୋଟର ଆଦି ମଧ ପାଣି କାଦୁଅରେ ସରସର ହୋଇଯାଉଛି । ଖାଲି ସେତିକି ନୁହେଁ ଷ୍ଟାଣ୍ଡ ଭିତରକୁ ଚାଲି ଚାଲି ଯାଉଥିବା ଲୋକଙ୍କ ଉପରେ ମଧ ଏହି କାଦୁଅ ପଡୁଛି । ତେଣୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରା ଦିନରେ ଯେ କୌଣସି ପ୍ରକାରେ ଚଳି ଯାଉଥିଲା । ବର୍ତ୍ତମାନ ବର୍ଷାଋତୁରେ ସେହି ରାସ୍ତାରେ ବର୍ଷା ପାଣି ଜମା ହେବା ସହିତ ସେଠାରେ ପଡିଥିବା ଆବର୍ଜନା ଯୋଗୁଁ ସେଠାରେ ଅସହ୍ୟ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଫଳରେ ଲୋକେ ସେହି ରାସ୍ତାରେ ଯାଇ ପାରୁନାହାଁନ୍ତି । ଫୁଲବାଣୀରୁ ବ୍ରହ୍ମପୁର ଯାତାୟତ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍ ଗୁଡିକ ଟିକାବାଲି ବସଷ୍ଟାଣ୍ଡ ଦେଇ ଯାତାୟତ କରୁଛି । ଏହା ସହିତ ଟିକାବାଲି ଠାରୁ ଜିଲ୍ଲାର ବିଭିନ୍ନ ଅଂଚଳକୁ ମଧ ଅନେକ ଯାତ୍ରୀବାହୀ ବସ ଯାତାୟତ କରୁଛି । ତେଣୁ ଏହି ବସଷ୍ଟାଣ୍ଡଟି ଅଧିକାଂଶ ସମୟରେ ଜନ ଗହଳିପୂର୍ଣ୍ଣ ହୋଇ ରହୁଛି । ତେଣୁ ଟିକାବାଲି ବସଷ୍ଟାଣ୍ଡକୁ ଯାଉଥିବା ସମସ୍ତ ରାସ୍ତାର ମରାମତି କରାଯିବା ନିହାତି ଜରୁରୀ ହୋଇପଡ଼ିଛି । ସେଥିପାଇଁ ସେହି ଅଂଚଳର ବ୍ୟବସାୟୀ ଓ ସାଧାରଣ ଲୋକେ ଏହି ରାସ୍ତାକୁ ତୁରନ୍ତ ମରାମତି କରାଇବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି କରିଛନ୍ତି । ତା ନହେଲେ ସେମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଶିଶୁ ସମାଚାର ପକ୍ଷରୁ ଝୋଟି ପ୍ରତିଯୋଗିତା

ପୁରୀ,୨୭/୦୬ (ନି.ପ୍ର): ଶିଶୁ ସମାଚାର ସ୍ୱନକ୍ଷତ୍ର ପାଇଁ ଆଜି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମହିଳାମାନଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉତ୍କଳୀୟ କଳା ସଂସ୍କୃତିର ପ୍ରତୀକ ଝୋଟି । ଏହି ପ୍ରତିଯୋଗିତାକୁ ବିଶିଷ୍ଟ ସମାଜସେବୀ ତଥା ଅନୁଷ୍ଠାନର ଉପଦେଷ୍ଟା ଚକ୍ରଧର ମହାପାତ୍ର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟୁଲତା ଆଚାର୍ଯ୍ୟ, ଶିବସୁନ୍ଦର ମିଶ୍ର, ନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଝୋଟିର ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ଶରତ ରାୟଗୁରୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶିଶୁ ସମାଚାର ସଂପାଦକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଝୋଟି ପ୍ରତିଯୋଗିତାରେ ଦୁର୍ଗା କର, ମିନାକ୍ଷୀ ଦାସ ,ସତ୍ୟ ପାଢୀ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ କଳ୍ପନା ମୁଦୁଲି ପ୍ରଥମ, ସସ୍ମିତା ପାତ୍ର ଦ୍ୱିତୀୟ ଓ ଅଞ୍ଜଳି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଦିପ୍ତୀ ମିଶ୍ର,ସୁଭଜିତ ପଣ୍ଡା, ସତ୍ୟନାରାୟଣ ସାହୁ,ମାନସ ଦାସ ସହଯୋଗ କରିଥିଲେ ।

# ଅଗ୍ନିପଥ ସ୍କିମ ବାତିଲ୍ ଦାବିରେ ଏଆଇଡିଏସଓ ପକ୍ଷରୁ ବିକ୍ଷୋଭ

ବଲାଙ୍ଗିର,୨୭/୦୬ (ନି.ପ୍ର): ଛାତ୍ର ଯୁବ ସ୍ୱାର୍ଥ ବିରୋଧି ଅଗ୍ନିପଥ ଯୋଜନାକୁ ବାତିଲ କରି ଯୁବକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବିରେ ବିପ୍ଳବି ଯୁବ ଛାତ୍ର ସଂଗଠନ ଏଆଇଡିଏସଓ - ଏଆଇଡିୱାଇଓ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏକ ରାଲି କଳାମଣ୍ଡଳ ପଡିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେନାର ସବୁ ବିଭାଗରେ ସ୍ଥାୟୀ ନିଯୁକ୍ତିକୁ ଉଚ୍ଛେଦ କରି ଠିକା ନିଯୁକ୍ତି ଦେବା ପାଇଁ କେନ୍ଦ୍ର ସରକାରଙ୍କର ଏହି ଷଡଯନ୍ତ୍ର । ତେଣୁ ୪ ବର୍ଷ ପରେ ଯୁବକମାନେ ବେକାର ହୋଇ ଅସହାୟ ହୋଇ ପଡିବେ । ମୁଦ୍ରିକରଣ ନାଁରେ ରାଷ୍ଟ୍ରାଦ୍ୟୋଗକୁ ଘରୋଇ ପଞ୍ଜିପତିମାନଙ୍କୁ ଟେକି ଦେବା ଫଳରେ ବ୍ୟାପକ ମାତ୍ରାରେ କର୍ମନିଯୁକ୍ତି ହ୍ରାସ ପାଉଛି । ଏଭଳି ସ୍ଥଳେ ଛାତ୍ର ଯୁବକଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଯୁବକମାନେ ବିଭ୍ରାନ୍ତ ନ ହୋଇ ପ୍ରତିବାଦ ପାଇଁ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି । ଆଜିର ଏହି ବିକ୍ଷୋଭରେ ଏଆଇଡିଏସ୍ଓ ଜିଲ୍ଲା ସଭାପତି ରାଜେନ୍ଦ୍ର ରଣା, ସଂପାଦକ ମଧୁସୁଦନ ବାଗ, ରାଜ୍ୟ ସଂପାଦକ ମଣ୍ଡଳି ସଭ୍ୟ ସୁନିଲ ଭୋଇ, ଏଆଇଡିୱାଇଓ ଜିଲ୍ଲା ସଂପାଦକ ତାମସ ବେହେରା, ଗୌରୀ ରାଉତ, ଅହଲ୍ୟା ସାହୁ, ସିଦ୍ଧାନ୍ତ ମହାକୁର, ଜୁବୁଲି ଭୁଏ, ସିଦ୍ଧାନ୍ତ ସେଠ ସହ ବହୁ ଛାତ୍ର ଯୁବକ ସାମିଲ ଥିଲେ ।

# ସାରଙ୍ଗଧରଙ୍କ ଅମର କଥା ପୁସ୍ତକ ଉନ୍ମୋଚିତ

ଘସିପୁରା,୨୭/୦୬ (ନି.ପ୍ର): ସାହିତ୍ୟ ପାଠକ ମାନଙ୍କୁ ଆମୋଦିତ କରିବା ସହିତ ଆଜିର ଯୁବପିଢିଙ୍କୁ ଦିଗଦର୍ଶନ ଦେବ ଓ ଏହାଦ୍ୱାରା ଭାରତୀୟ ସଂସ୍କୃତି ରକ୍ଷା ହୋଇପାରିବ ବୋଲି କବି ସାରଙ୍ଗଧର ନାୟକଙ୍କ ଅମର କଥା ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥି ମାନେ ମତ ପୋଷଣ କରିଛନ୍ତି । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ପାଠଶାଳା ଆନୁକୂଲ୍ୟରେ ଘସିପୁରା ବ୍ଲକ ଚଣ୍ଡଳୀ ଠାରେ ଅନୁଷ୍ଠିତ ଏହି ସୁପ୍ତକ ଉନ୍ମୋଚନ ଉତ୍ସବରେ ପ୍ରତିଭା ପ୍ରଣାମ ମଂଚର ଆବାହକ ରତ୍ନାକର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ମଞ୍ଜୁ ଦିଦି ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଦୟାନିଧି ଶତପଥିଦାଶ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅସୀମା ମିଶ୍ର, ଅବସର ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ, କବି ସୋମନାଥ ମାଝୀ ପ୍ରମୁଖ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରରେ ପ୍ରାରମ୍ଭରେ ପରୀରାଣୀ ଆବହନୀ ସଂଗୀତ ଗାନ କରିବା ସହିତ ସ୍ୱାଗତ ସଂଗୀତ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ବ୍ରହ୍ମକୁମାର ଅରୁପାନନ୍ଦ ଭାଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବି ସୋମନାଥ ମାଝୀ ଉନ୍ମୋଚିତ ପୁସ୍ତକର ସମିକ୍ଷା କରିଥିଲେ । ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ସୁରେଶ ମହାରଣା, କବି ଘନଶ୍ୟାମ ବୋଇଦେଇ, ହୃଷିକେଶ ବାରିକ, ନାରାୟଣ ଦାଶ, ବିଧାନ ଚନ୍ଦ୍ରକର ଲେଖକ ବିଦ୍ୱାନ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ ଓ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୨୭/୦୬ (ନି.ପ୍ର): ଫୁଲବାଣୀରେ ଜିଲ୍ଲା ସ୍ତରୀୟ ନିଶା ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳୁ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ନିଶା ନିବାରଣ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ମାଧ୍ୟମରେ ଫୁଲବାଣୀ ସହରରେ ନିଶା ସେବନଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ, ସାମାଜିକ ଓ ପାରିବାରିକ ଅସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ପରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ଠାରେ କନ୍ଧମାଳ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ନିଶା ନିବାରଣ ସମ୍ପର୍କରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ବର୍ଷ ବର୍ଷ ଧରି ପିଢି ପରେ ପିଢିର କିଶୋର ଓ ଯୁବକ ମାନେ କୌତୁହଳର ବଶବର୍ତୀ ହୋଇ କିମ୍ବା ସାଙ୍ଗସାଥି ମାନଙ୍କ ମେଳରେ ପଡି ପାନ ଠାରୁ ଆରମ୍ଭ କରି ସିଗାରେଟ୍ ଓ ଅନ୍ୟାନ୍ୟ ନିଶାର କବଳରେ କବଳିତ ହୁଅନ୍ତି । କାଳକ୍ରମେ ଏହି କୌତୁହଳ ହିଁ ସେମାନଙ୍କୁ ନିଶାର କବଳିତ କରିଥାଏ । ଏହି କିଶୋର ଓ ଯୁବ ପିଢି ହିଁ ଦେଶର ଭବିଷ୍ୟତ ଅଟନ୍ତି । ତେଣୁ ସେମାନେ ଯେ କୌଣସି ନିଶା ଦ୍ରବ୍ୟର ବଶବର୍ତୀ ହେବା ଉଚିତ୍ ନୁହେଁ ବୋଲି ନିଜ ବକ୍ତବ୍ୟରେ କହିଥିଲେ ।

# ମିତ୍ରସଂଘ ପକ୍ଷରୁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ସଫେଇ

ପୁରୀ,୨୭/୦୬ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିତ୍ରସଂଘ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀକୁ ସଫେଇ କରାଯାଇଛି । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁମାନେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନକରି ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏବେ ଠାରୁ ରଥଯାତ୍ରୀମାନେ ପୁରୀରେ ପହଂଚିବାରେ ଲାଗିଲେଣି । ଏହାକୁ ଲକ୍ଷ୍ୟକରି ମିତ୍ରସଂଘର ସଭ୍ୟମାନେ ରବିବାର ସକାଳୁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀ ଚାରିପଟ ସମେତ ପାହଚ ଗୁଡ଼ିକୁ ସଫା କରିଥିଲେ । ଏହି ସଫେଇ କାର୍ଯ୍ୟରେ ସୁବାସିନୀ ଶତପଥୀ, ଶିବପ୍ରସାଦ ସାହୁ, ରାଜୀବ କୁମାର ମହାପାତ୍ର, ଅନନ୍ତ ଶତପଥୀ, କପିଳେଶ୍ୱର ମହାପାତ୍ର,ରାକେଶ କୁମାର ସାହୁ,ଦିନେଶ କୁମାର ଦ୍ୱିବେଦୀଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

ମାଲକାନଗିରି,୨୭/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଚୋରା ଚାଲାଣ ବିରୁଦ୍ଧ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ର ଅନୁଷ୍ଠିତ ହୋଇଯାଇଛି ।ସକାଳ ୭.୩୦ ମିନିଟ ସମୟରେ ଏକ ଶୋଭାଯାତ୍ରା ସ୍ଥାନୀୟ ବସ ଷ୍ଟାଣ୍ଡ ରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ନଗରଭବନରେ ପହଂଚି ଥିଲା ।ଏହି ଶୋଭାଯାତ୍ର କୁ ପି.ଡି ,ଡି.ଆର.ଡି.ଏ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ବାଳ ମୁକୁନ୍ଦ ଭୂୟା ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶୋଭାଯାତ୍ର ରେ ସ୍ଥାନୀୟ ମହାବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ, ମା ଘର ଅନୁଷ୍ଠାନର କର୍ମକର୍ତ୍ତା,ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ ସଦସ୍ୟ,ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଦିବା ୯.୩୦ ମିନିଟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ ଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ପି.ଡି.,ଡି.ଆର.ଡ଼ି. ଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀ, ମୁଖ୍ୟ ବକ୍ତା, ମାଲକାନଗିରି ମହାବିଦ୍ୟାଳୟର ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଅଧାପକ ଡଃ ରଞ୍ଜନ କୁମାର ସ୍ୱାଇଁ,ମାଆ ଘର ସଭାନେତ୍ରୀ ପ୍ରଶାନ୍ତିଲତା ବିଷୋୟୀ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ସ୍ୱାଇଁ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେର୍ମୋଲୋଜିଷ୍ଟ ଡାଃ ଡି.ପି. ରାଜ ପ୍ରମୁଖ ସମ୍ମାନୀତି ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସାତ ଜଣ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ପରିଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


# ବାହାଘରରୁ ସମାଜକୁ ବାର୍ତ୍ତା : ପ୍ଲାଷ୍ଟିକ ପଲିଥିନ ଖଲିପତ୍ର ବଦଳରେ ମାଟିପାତ୍ରରେ ଭୋଜି ଖାଇଲେ ବନ୍ଧୁବାନ୍ଧବ

ବଲାଙ୍ଗିର,୨୭/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ମାଟି ଥାଳି, ଗିନାରେ ଭୋଜି ଖାଇଛନ୍ତି ୧୨ ଶହ ବନ୍ଧୁବାନ୍ଧବ । ସମସ୍ତଙ୍କୁ ଖାଦ୍ୟ ଖାଇବା ବେଳେ ନୂଆ ଥାଳି, ଗିନା, ଗ୍ଲାସ ଦିଆଯାଇଥିଲା । ମଧବିତ ପରିବାର ହୋଇଥିଲେ ହେଁ ପ୍ରାୟ ୨୫ ହଜାର ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ବନ୍ଧୁବାନ୍ଧବ ଯେପରି ନୂଆ ମାଟି ଥାଳି, ଗିନା ଗ୍ଲାସରେ ଭୋଜି ଖାଇବେ ସେଥିନିମନ୍ତେ ବ୍ୟବସ୍ଥା ହୋଇଥିଲା । ମାଟି ଥାଳିରେ ଭାତ, ମାଟି ଗିନାମାନଙ୍କରେ ଡାଲି, ତରକାରୀ, ଖଟା, ଖିରୀ ପରଷା ଯାଇଥିଲା । ମାଟି ଗ୍ଲାସରେ ଥଣ୍ଡା ପାଣି ଦିଆଯାଇଥିଲା । ପ୍ରଥମ ଥର ପାଇଁ ଏଭଳି ଆତିଥିୟତା ପାଇ ବନ୍ଧୁବାନ୍ଧବ ଯେତିକି ଖୁସ୍, ଅଂଚଳରେ ଏହି ବିଶେଷ ଆତିଥିୟତାକୁ ନେଇ ସେତିକି ଆଲୋଚନା ଓ ପ୍ରସଂଶା । ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ ସମରା ଗାଁରେ ଏହି ଭୋଜି ଆୟୋଜିତ ହୋଇଥିଲା । ଗ୍ରାମର ଚକା ରଣାଙ୍କ ପୁଅ ମାନସ ରଣାଙ୍କ ଏହି ବାହାଘର ଭୋଜି ଖାଇ ଲୋକେ ବାଃ ,ବାଃ, କରୁଛନ୍ତି । ଏହି ବିଶେଷ ତରିକାରେ ଭୋଜି ଆୟୋଜନ ପଛରେ ମାନସଙ୍କ ଭିନ୍ନ ଚିନ୍ତାଧାରା ରହିଥିଲା । ଅସଲରେ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ବାର୍ତା ଦେବା, ପାରମ୍ପରିକ ବିଧିବ୍ୟବସ୍ଥାକୁ ଆପଣାଇବା, ଶରୀରକୁ ସୁସ୍ଥ ରଖିବା ଓ ନିଜର କୌଳିକ ବୃତିକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ରହିଥିଲା । ମାନସ କହିଛନ୍ତି, ଆଧୁନିକ ଚାକଚକ୍ୟ ଚାଲିଚଳନ ଭିତରେ ଲୋପ ପାଇବାରେ ଲାଗିଛି ପ୍ରଥା ଓ ପରମ୍ପରା । ବିପଦରେ ପଡ଼ିଛି କୌଳିକ ବୃତି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଭିତରେ ପରିବେଶକୁ ପ୍ରଦୂଷଣ କରୁଥିବା ବିଭିନ୍ନ ପ୍ରକାର ଜିନିଷ ଧସେଇ ପସିଛି । ବାହାଘର ମାନଙ୍କରେ ଲୋକେ ପଲିଥିନରେ ପ୍ରସ୍ତୁତ ଖଲିଦନା ଠାରୁ ଆରମ୍ଭ କରି ପ୍ଲାଷ୍ଟିକ ଗ୍ଲାସ ପର୍ଯ୍ୟନ୍ତ ବ୍ୟବହାର କରୁଛନ୍ତି । ଏ ସବୁକିଛି ପରିବେଶକୁ ଦୂଷିତ କରୁଛି, ତେଣୁ ତାଙ୍କ ବାହାଘର ନିମନ୍ତେ ନିମନ୍ତ୍ରିତ ୧୨ ଶହ ବନ୍ଧୁବାନ୍ଧବଙ୍କ ନିମନ୍ତେ ମାଟିରେ ଥାଳି, ଗିନା, ଗ୍ଲାସ ପ୍ରସ୍ତୁତ କରାଯାଇଥିଲା । ସେମାନଙ୍କ କୌଳିକ ବୃତି କୁମ୍ଭକାର ହୋଇଥିବାରୁ ମାଟିପାତ୍ର ପ୍ରସ୍ତୁତି ନିମନ୍ତେ ବିଶେଷ ଅସୁବିଧା ହୋଇ ନ ଥିଲା । ତେବେ ବର୍ତମାନର ଯୁବପିଢ଼ିମାନେ ଏହି କୌଳିକ ବୃତି ଭୁଲି ଯାଇଥିବାରୁ ଗ୍ରାମର କୌଳିକ ବୃତିଧାରୀ ବରିଷ୍ଠ ବ୍ୟକ୍ତିମାନେ ଥାଳି, ଗିନା, ଗ୍ଲାସ ତିଆରି କରିବାର ସମ୍ପୂର୍ଣ୍ଣ ଭାର ଉଠାଇଥିଲେ । ପ୍ରାୟ ୨୫ ହଜାର ଟଙ୍କା ଖର୍ଚ୍ଚରେ ମାଟିପାତ୍ରମାନ ପ୍ରସ୍ତୁତ କରାଯାଇଥିଲା । ଏଥିନିମନ୍ତେ ପ୍ରାୟ ୨୦ ଦିନ ସମୟ ଲାଗିଥିଲା । ବନ୍ଧୁବାନ୍ଧବ ଓ ଅତିଥିମାନଙ୍କ ନିମନ୍ତେ ୧୨ ଶହ ଲେଖାଏଁ ମାଟି ଥାଳି ଓ ଗ୍ଲାସ ସହିତ ୫ ହଜାର ଗିନା ତିଆରି କରାଯାଇଥିଲା । ମାଟିପାତ୍ରରେ ଭୋଜନ କରି ଅତିଥିମାନେ ମଧ ବେଶ ଆତ୍ମତୃପ୍ତି ଲାଭ କରିଥିଲେ । ଏହି ପଦକ୍ଷେପ ଯୋଗୁଁ ଗୋଟିଏ ପଟେ ପରିବେଶ ସୁରକ୍ଷା ହୋଇପାରିଥିବା ବେଳେ ଅନ୍ୟପଟେ କୁମ୍ଭାର ପରମ୍ପରା ଓ ବୃତିକୁ ବଂଚାଇ ରଖିବାର ପ୍ରୟାସ ପ୍ରଶଂସାର ବିଷୟ ହୋଇଛି । କାରଣ ଧିରେ ଧିରେ କୁମ୍ଭାର ସଂପ୍ରଦାୟର ଲୋକେ ନିଜର କୌଳିକ ବୃତି ଠାରୁ ଦୂରେଇ ଯାଉଛନ୍ତି । ଆଧୁନିକତାର ଚାକଚକ୍ୟ ଭିତରେ ମାଟି ତିଆରି ଜିନିଷର ଚାହିଦା ମଧ କମି କମି ଯାଉଛି । ଏସବୁ ଭିତରେ ବାହାଘରମାନଙ୍କରେ ସମସ୍ତେ ଯଦି ମାଟିପାତ୍ରର ବ୍ୟବହାର କରନ୍ତେ, ତେବେ କୁମ୍ଭକାରମାନଙ୍କର କୌଳିକ ବୃତି ବଂଚିବା ସହିତ ପରିବେଶର ମଧ ସୁରକ୍ଷା ହୋଇପାରନ୍ତା ବୋଲି ସେ ପ୍ରକାଶ କରିଛନ୍ତି । ଏହା ଧୀରେ ଧୀରେ ବଲାଙ୍ଗିର ଜିଲ୍ଲା ରେ ଚର୍ଚ୍ଚା ବିଷୟ ପାଲଟିଛି । ଏହା ଦ୍ୱାରା ମାଟି ପାତ୍ରର ଚାହିଦା ବଢିବ ଓ କିଛି ବର୍ଷ ଆଗରୁ ପ୍ରଚଳନ ଥିବା ଏହି ବ୍ୟବସ୍ଥା ହେଲେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଲୋକେ ରୋଗ ଦାଉରୁ ରକ୍ଷା ପାଇପାରିବେ ।

# ଆଗ୍ରାର ତାଜମହଲ



ଉତ୍ତରପ୍ରଦେଶର ତୃତୀୟ ବଡ଼ ଜିଲ୍ଲା ଆଗ୍ରା ଐତିହାସିକ ଦୃଷ୍ଟିରୁ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ । ଆଗ୍ରାର ତାଜମହଲ ଭାରତର ଗୌରବ ଓ ପ୍ରେମର ପ୍ରତୀକ ଅଟେ ।



ତାଜମହଲ ନିର୍ମାଣର ପୂର୍ବରୁ ଛ ମାସ କୁଶଳୀ କାରୀଗରଙ୍କର ତଲାସ କରି ସେମାନଙ୍କ ମଧ୍ୟରୁ ୩୭ଜଣ ଦକ୍ଷ କାରୀଗର ସହିତ ୨୦ ହଜାର ଶ୍ରମିକଙ୍କୁ ନେଇ ନିର୍ମାଣ କାର୍ଯ୍ୟ କରାଯାଇଥିଲା । ଏହିପରି ଭାବରେ ତାଜ ନିର୍ମାଣରେ ଲଗାଯାଇଥିବା ଶଙ୍ଖ ମଲମଲ ପଥର ରାଜସ୍ଥାନର ମକରାଣାରୁ, ଅନ୍ୟ ଦାମୀ ପଥର ଓ ରତ୍ନ ବାଗଦାନ, ଆଫଗାନିସ୍ତାନ, ତିବ୍ବତ, ଇଜିପଟ, ରୁଷ, ଇରାନ ଆଦି ଅନ୍ୟ ଦେଶରୁ ଏକତ୍ରିତ କରି ଓ ଅନେକ ଖର୍ଚ୍ଚରେ କିଣି ତାଜମହଲ ନିର୍ମାଣ କରାଯାଇଥିଲା । ଏହାର ନିର୍ମାଣ କାର୍ଯ୍ୟ ୨୨ବର୍ଷ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ୨୦ ହଜାର ଶ୍ରମିକଙ୍କର ଯୋଗଦାନ ରହିଛି । ଏହାର ମୁଖ୍ୟ ଗମ୍ବୁଜ ୬୦ଫୁଟ ଉଚ୍ଚ ଓ ୮୦ ଫୁଟ ଓସାର । ଯମୁନା ନଦୀର କୂଳରେ ଧଳା ପଥର ଦ୍ୱାରା ନିର୍ମିତ ଅଲୌକିକ ସୁନ୍ଦରତାର ପ୍ରତୀକ 'ତାଜମହଲ' ନା କେବଳ ଭାରତରେ, ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ କରି ପାରିଛି । ପ୍ରେମର ପ୍ରତୀକକୁ ଦେଖିବା ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆସିଥାନ୍ତି । ଆଗ୍ରାରେ ତାଜ ମହଲ ବ୍ୟତୀତ ଅନ୍ୟ ଦର୍ଶନୀୟ ସ୍ଥାନ ରହିଛି । ଯେପରି ଆଗ୍ରା ଫୋର୍ଟ (ରେଡ଼ଫୋର୍ଟ) । ଏହାର ନିର୍ମାଣ ଇ ୧୫୬୫ରେ ମୋଗଲ ସମ୍ରାଟ ଆକବର କରିଥିଲେ । ସ୍ଥାପତ୍ୟକଳାର ଏହି ନମୁନା ଲାଲ ପଥରରେ ନିର୍ମିତ ହୋଇଛି । ସେଠାରେ ଥିବା ଜାହାଙ୍ଗୀର ମହଲ ମଧ୍ୟ ନିର୍ମିତ ହୋଇଛି, ଯାହାକୁ ଶୀଶ୍ ମହଲ ବୋଲି କୁହାଯାଉଛି । ଫତେପୁର ସିକ୍ରି, ଆଗ୍ରାଠାରୁ ୩୫କି.ମି ଦୂର ସ୍ଥିତ ଏହି ସ୍ଥାନକୁ ଆକବର ତାଙ୍କର ରାଜଧାନୀ କରିଥିଲେ । ଯମୁନା ନଦୀର ବିପରୀତ ଦିଗରେ ସ୍ଥିତ ତାଜମହଲ ପାର୍ଶ୍ୱରେ ସ୍ଥିତ ରାମବାଗକୁ ବାବର ୧୫୨୮ ଇ. ରେ ତିଆରି କରିଥିଲେ । ଏହା ତାଜମହଲର ଉତ୍ତରଭାଗରେ ଅଢ଼େଇ କି.ମି ପର୍ଯ୍ୟନ୍ତ ବ୍ୟପ୍ତ । ଜାମା ମସଜିଦ, ଶାହାଜାହାଁଙ୍କ ଝିଅ ଜହାଣଆର ବେଗମଙ୍କ ସ୍ମୃତିରେ ୧୬୪୮ ରେ ନିର୍ମାଣ କରାଯାଇଥିଲା । ଏତେ ବର୍ଷ ପରେ ମଧ ଏହାରୀ ସୌନ୍ଦର୍ଯ୍ୟ ପୂର୍ବ ପରି ରହିଛି । ମୁମତାଜ ମହଲ ଓ ଶାହାଜାଁହାଙ୍କ କବର ତାଜମହଲର ତଳ ପାର୍ଶ୍ୱରେ ସମ୍ମୁଖରେ ତିଆରି ହୋଇଛି । ସେଠାରେ ପର୍ଯ୍ୟଟନ ବିଭାଗ ତରଫରୁ ପ୍ରତିବର୍ଷ ବିଭାଗ ତରଫରୁ ପ୍ରତିବର୍ଷ 'ତାଜ ମହୋତ୍ସବ'ର ଆୟୋଜନ କରାଯାଇଥାଏ ।

ମୋଗଲମାନଙ୍କର ସବୁଠାରୁ ପସନ୍ଦଯୋଗ୍ୟ ସହର ହୋଇଥିବା କାରଣରୁ ସେମାନେ ଆଗ୍ରାକୁ ପ୍ରଥମେ ନିଜର ରାଜଧାନୀ ମାନିଥିଲେ ଇତିହାସ ଅନୁସାରେ ଇବ୍ରାହିମ ଲୋଦୀ ଏହି ସହରକୁ ସନ ୧୫୦୪ରେ ତିଆରି କରିଥିଲେ । ସ୍ଥାପନା, କଳାର ପ୍ରତୀକ ଏହି ଆଗ୍ରା ସହର ଦିଲ୍ଲୀରୁ ୨୦୦କି.ମି ଦୂରରେ ସ୍ଥିତ । ଆଗ୍ରାର ତାଜମହଲ ତିଆରି କରିବାକୁ ବାଗବାଦର କାରିଗରକୁ ଡକାଯାଇଥିଲା । ମଧ୍ୟ ଏସିଆରେ ସ୍ଥିତ ବୁଖାର ସହରର କାରୀଗରକୁ ଶଙ୍ଖ ମଲମଲ ପଥରରେ ଫୁଲ ତିଆରି କରିବା ପାଇଁ ଡକାଯାଇଥିଲା ବିରାଟ ଉଚ୍ଚଗମ୍ବୁଜକୁ ନିର୍ମାଣ କରିବା ପାଇଁ ତୁର୍କୀର ଇସ୍ତମ୍ବୁଲର ଦକ୍ଷ କାରୀଗରକୁ ଓ ମୀନାରକୁ ନିର୍ମାଣ କରିବାକୁ ସମରକନ୍ଦର ଦକ୍ଷ କାରୀଗର ଆସିଥିଲେ । ଏହି ପ୍ରକାରର



### କିପରି ଯିବେ:

ତାଜମହଲକୁ ଯିବା ପାଇଁ ରେଳର ସୁବିଧା ରହିଛି ଦିଲ୍ଲୀ ଆଗ୍ରାଠୁ ରେଳ ସଂଯୋଗ କ ଅଛି ତାଜମହଲକୁ । ଏହାର ମୁଖ୍ୟ ରେଳ ଷ୍ଟେସନ ହେଉଛି ଆଗ୍ରା । ହାଇ ସ୍ପିଡ ଶତାବ୍ଦୀ ଏକ୍ସପ୍ରେସର ସୁବିଧା ଦିଲ୍ଲୀ, ବାରଣାସୀ ଏବଂ ରାଜସ୍ଥାନ ସହରରୁ ରହିଛି ।

### କେଉଁଠି ରହିବେ:

ତାଜମହଲ ଯଦି ଆପଣ ପରିଭ୍ରମଣରେ ଯାଉଛନ୍ତି ତେବେ ରହିବା ଖାଇବାରେ କିଛି ଅସୁବିଧା ହେବ ନାହିଁ । ତାଜମହଲ ନିକଟ ଅଂଚଳରେ ହୋଟେଲ, ଲଜଗୁଡ଼ିକ ଅଛି ।

# ବଳଦ ପେଟରେ ଦେଢ଼ଲକ୍ଷର ମଙ୍ଗଳସୂତ୍ର

## ୮ଦିନ ଗୋବର ଘାଣ୍ଟି ମଧ ପାଇଲେନି



ଭାରତର ପ୍ରତି ରାଜ୍ୟର ନିଜର ସଂସ୍କୃତି ଓ ଭିନ୍ନ ପରିଚୟ ରହିଛି । ସ୍ୱତନ୍ତ୍ର ଉତ୍ସବରେ ଗାଈ- ଗୋରୁଙ୍କ ପୂଜା ମଧ ଆମ ସଂସ୍କୃତିରେ ଅଛି । ତେବେ ମହାରାଷ୍ଟ୍ରର ଅହମ୍ମଦନଗର ଜିଲାରାୟଟେ ବାଘାପୁର ଗ୍ରାମରେ ଜଣେ ପରିବାର ପାଇଁ ଏହି ପୂଜା ବେଶ ମହଙ୍ଗା ପଡ଼ିଯାଇଥିଲା । ଗ୍ରାମର ବାବୁରାଓ ସିନ୍ଧେଙ୍କ ପତ୍ନୀ ପୋଲା ଉତ୍ସବ ଅନ୍ତର୍ଗତ ପୂଜା ପାଇଁ ନିଜର ଦେଢ଼ଲକ୍ଷଟଙ୍କାର ମଙ୍ଗଳସୂତ୍ର ବଳଦ ମୁଣ୍ଡରେ ଲଗାଇ ଆଶୀର୍ବାଦ ମାଗିଥିଲେ । ସେ ଏକ ପ୍ଲେଟରେ ମିଠା, ଫୁଲ, ଫଳ ସହ ମଙ୍ଗଳସୂତ୍ର ରଖି ବଳଦକୁ ମୁଣ୍ଡିଆ ମାରିଥିଲେ । ପରେ ଲାଇନ କଟିଯିବାରୁ ସେ ଘର ଭିତରକୁ ପଳାଇଥିଲେ ଏହି ସମୟରେ ବଳଦ ପ୍ଲେଟରେ ଥିବା ମିଠା ସହ ଦେଢ଼ଲକ୍ଷ ଟଙ୍କାର ମଙ୍ଗଳସୂତ୍ରଟିକୁ ଗିଳିଦେଇଥିଲା । ଲାଇନ ଆସିବା ପରେ ସେ ମଙ୍ଗଳସୂତ୍ର ନଥିବା ଜାଣିବାକୁ ପାଇଥିଲେ । ମଙ୍ଗଳସୂତ୍ରଟିକୁ ପାଇବା ପାଇଁ ବୁବୁରାଓ ଓ ତାଙ୍କ ପତ୍ନୀ ୮ଦିନ ଧରି ବଳଦର ଗୋବରକୁ ଦୈନିକ ଘାଣ୍ଟିଥିଲେ । ମାତ୍ର କିଛି ପାଇନଥିଲେ । ପରେ ସେମାନେ ପଶୁ ଚିକିତ୍ସକଙ୍କ ନିକଟକୁ ବଳଦକୁ ନେଇଥିଲେ । ପେଟ ଭିତରେ ମଙ୍ଗଳସୂତ୍ରଟି ଥିବା ଜଣାପଡ଼ିବା ପରେ ବଳଦର ପେଟ ଅପରେସନ କରାଯାଇ ବାହାର କରାଯାଇଥିଲା । ଏବେ ବଳଦଟି ସୁସ୍ଥ ଥିବା ଜଣାପଡ଼ିଛି ।

# ସ୍ୱପ୍ନ ଦେଖୁଦେଖୁ ମୁଦି ଗିଳି ଦେଲେ ମହିଳା



ଆମେରିକା ଜରେ ମହିଳା ନିଦରେ ଏକ ଖରାପ ସ୍ୱପ୍ନ ଦେଖିବା ସମୟରେ ନିଜର ନିର୍ବନ୍ଧ ମୁଦିକୁ ଗିଳିଦେଇଥିଲେ । ପରେ ଅପରେସନ କରାଯାଇ ୨.୪ କ୍ୟାରେଟର ଏହି ହୀରାମୁଦିକୁ ତାଙ୍କ ପେଟରୁ କଢ଼ାଯାଇଥିଲା । କାର୍ଲିଫର୍ଣ୍ଣିଆରେ ରହୁଥିବା ଏହି ମହିଳା ଜନୋ ଇଭାନ୍ସ କହିଛନ୍ତି ଯେ, ରାତିରେ ଶୋଇବା ସମୟରେ ଏକ ଖରାପ ସ୍ୱପ୍ନ ଦେଖିଥିଲେ । ସ୍ୱପ୍ନରେ ଆମେ ଦୁଇଜଣ ବାଇକରେ ଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଆମକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ସେମାନେ ମୋ ମୁଦି ଛଡ଼ାଇବାର ଚେଷ୍ଟା କରୁଥିଲାବେଳେ ମୁଁ ଭୟରେ ମୁଦିଟିକୁ ଗିଳିଦେଇଥିଲି । ତେବେ ସ୍ୱପ୍ନରେ ନୁହେଁ ବାସ୍ତବରେ ମୁଁ ଭୟରେ ଏହାକୁ ଗିଳି ଦେଇଥିଲି । ପରେ ଏକ୍ସରେ କରାଯାଇଥିଲା, ମୋ ପେଟରେ ଏହା ଥିବା ଜଣାପଡ଼ିବା ପରେ ଅପରେସନ କରାଯାଇ ମୁଦି ବାହାରିଥିଲା ପେଟରୁ ।

# ୱେଡିଙ୍ଗ ସିଜିନରେ ନୂଆ ପ୍ୟାଟର୍ଣ୍ଣ



ଟିଭି ଶୋ' ବଲିଉଡ଼ ଷ୍ଟାରଙ୍କର ନିକଟରେ ବିବାହ ହୋଇଛି । ଆଉଟଫିଟରେ ସବୁଠାରୁ ବେଶି ଟ୍ରେଣ୍ଡି ଓ ଡିଜାଇନର ବ୍ଲାଉଜ ପ୍ୟାଟର୍ଣ୍ଣ ଦେଖିବାକୁ ମିଳିଥିଲା । ୱେଡିଙ୍ଗ ସିଜନ ଆସିବା ପୂର୍ବରୁ ବିବାହ କରିବାକୁ ଯାଉଥିବା ଝିଅମାନେ ପ୍ରଥମେ ଦୁଲହନ ଡିଜାଇନର, କ୍ୟାଟଲଗ ଓ ବୁଟିକ ବ୍ଲାଉଜ ଡିଜାଇନ କରୁଛନ୍ତି ।

### କନଟ୍ରାଷ୍ଟ ଡିଜାଇନ :

ଆଗପରି ଶାଢ଼ିର ପ୍ରିଣ୍ଟ, ପ୍ୟାଟର୍ଣ୍ଣ, ଫେବ୍ରିକ ଓ ଡିଜାଇନର ଲେନଥର ଶାଢ଼ିର ପ୍ରଚଳନ ବଢ଼ିଯାଇଛି । ଏହା ସହିତ କନଟ୍ରାଷ୍ଟ ଡିଜାନର ଓ ଏଣ୍ଟ୍ରିକ ବ୍ଲାଉଜକୁ ମଧ ପସନ୍ଦ କରାଯାଉଛି । କଲର କମ୍ବିନେସନକୁ ଧ୍ୟାନରେ ରଖି କନଟ୍ରାଷ୍ଟ ବ୍ଲାଉଜ ବିକ୍ରି ହେଉଛି ।



### ହାଇନେକ, ଏମ୍ବ୍ରୋଏଡୋରୀ ଓ ହେବି ୱାର୍କ ବ୍ଲାଉଜ:

ଟ୍ରେଣ୍ଡି ଓ ଫ୍ୟାସନେବଲ ବ୍ଲାଉଜ ମଧ୍ୟରେ ହାଇନେକ ବ୍ଲାଉଜ, ଏମ୍ବ୍ରୋଏଡେରୀ, ହେବି ୱାର୍କ ବ୍ଲାଉଜର ପ୍ରଚଳନ ଅଧିକ । ଟ୍ରେଣ୍ଡି ଓ ଡିଜାଇନର ବ୍ଲାଉଜରେ ସ୍ଲିବସରେ ମଧ ଏକ୍ସପେରିମେଣ୍ଟ କରାଯାଉଛି । ଏଥିରେ ହାଫ, ଥ୍ରୀ ଫୋର୍ଥ ଓ ଫୁଲ ଲେନଥର ସ୍ଲିବସବାଲା ବ୍ଲାଉଜକୁ ଅନେକ ପସନ୍ଦ କରୁଛନ୍ତି ।

### ବ୍ୟାକ୍ ନେକ୍ ବ୍ଲାଉଜ:

ରିସେପସନ ବ୍ୟତୀତ ବବିାହର କୌଣସି ଫଙ୍କସନ ହେଉ ଯଦି ଆପର ସିମ୍ପଲ ଶାଢ଼ୀ ପିନ୍ଧିଛନ୍ତି ତେବେ ବ୍ୟାକଲେସ, କଲର, କେପବ୍ଲାଉଜ ପରି ଡିଜାଇନର ବ୍ଲାଉଜର ଚାହିଦା ଅନେକ ବଢ଼ିଯାଇଛି । ପ୍ୟାଚ ୱାର୍କର ବ୍ଲାଉଜ ମଧ ଅନେକ ସିମ୍ପଲ ଶାଢ଼ୀରେ ପିନ୍ଧାଯାଇ ପାରିବ । ଅଲ ଟାଇମ ଫ୍ଲୋରଏ, ଗୋଲଡ଼ ଓ ସିଲଭର କଲରର ପ୍ଲେନ, ଡିଜାଇନର ଓ ହେବି ୱାର୍କ ବ୍ଲାଜ ମଧ ପ୍ରତ୍ୟେକ ଶାଢ଼ୀରେ ପିନ୍ଧି ପାରିବେ ।

# କୁକୁରଙ୍କ ପାଇଁ କେଫ୍



ଫ୍ରିଟନ ଆମେରିକା ପରି ବିଦେଶୀ ରାଷ୍ଟ୍ରରେ ପୋଷାଜନ୍ତୁଙ୍କ ନିମନ୍ତେ ସ୍ୱତନ୍ତ୍ର କେଫ୍, ବ୍ୟୁଟିପାର୍ଲର ରହିଛି । ଭାରତରେ ମଧ ପଶୁପ୍ରେମୀଙ୍କ ସଂଖ୍ୟା ମଧ କିଛି କମ ନୁହେଁ । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଦୁଇ ଶିଳ୍ପପତି ମହିଳା ମଲ୍ଲିକା ଓ ନୈନିକା ଟଣ୍ଡନ ୨୦୧୬ରେ କୁକୁରଙ୍କ ପାଇଁ ସ୍ୱତନ୍ତ୍ର କେଫ୍ ଖୋଲିଥିଲେ । ରାଜଧାନୀ ଦିଲ୍ଲୀରେ ଏକ କେଫ ଖୋଲାଯାଇଥିବା ଏହି କେଫରେ ଦିନକୁଦିନ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଯେଉଁଠାକୁ ମାଲିକମାନେ ନିଜ ପୋଷାକୁକୁରକୁ ନେଇକରି ଯାଇପାରିବେ । ଏହି କେଫକୁ ବର୍ତ୍ତମାନ କେବଳ କୁକୁରଙ୍କ ପ୍ରବେଶ ପାଇଁ ଅନୁମତି ରହିଛି । ଆଗାମୀ ଦିନରେ ବିଲେଇଙ୍କୁ ପ୍ରବେଶର ଅନୁମତି ମିଳିବ । କଫି ଦୋକାନର ନାମ "ପପିଚିନୋ' ରଖାଯାଇଛି । ଜଣେ ବ୍ୟକ୍ତି ନିଜ ପାଇଁ ଚା, କଫି, ପିଜ୍ଜା ବରାଦ ଦେଇପାରିବା ସହ ପୋଷା କୁକୁର ପାଇଁ ମଧ ତା ମନ ପସନ୍ଦର ଖାଦ୍ୟ ମଗାଇପାରିବ । ଏହା ସହ କୁକୁରଙ୍କ ଖେଳିବା ନିମନ୍ତେ ଏକ ପଡ଼ିଆ ମଧ ରହିଛି । ଦିଲ୍ଲୀରେ ଅଧିକାଂଶ ଲୋକଙ୍କ କୁକୁର ପାଳିବାର ସଉକ ବଢୁଥିବାର ଦେଖାଯାଉଛି ।

## ସ୍ମାର୍ଟଫୋନର ବ୍ୟବହାର

- ନିକଟରେ ଗବେଷକମାନେ ମତ ପ୍ରକାଶ କରିଛନ୍ତି ଯେ, ଦୈନିକ ସ୍ମାର୍ଟଫୋନକୁ ଅତିକମରେ ୩୦ମିନିଟ୍ ବନ୍ଦ କରିବା ଆବଶ୍ୟକ ।
- ସ୍ମାର୍ଟଫୋନ କିଛି ସମୟ ବନ୍ଦ ରଖିବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ । କେବଳ ଶୋଇବା ସମୟ ବ୍ୟତୀତ ଅନ୍ୟ ସମସ୍ତ ସମୟ ପ୍ରତି ୫-୧୦ ମିନିଟରେ ଥରେ ଆମେ ଏହି ଫୋନର ବ୍ୟବହାର କରିଥାଉ । ସ୍ମାର୍ଟ ଫୋନ ଅଧିକ ଗରମ ହୋଇଗଲେ, କିଛି ସମୟ ପାଇଁ ବନ୍ଦକରିବା ଜରୁରୀ । କଥା ହେଉଥିଲେ ଫୋନକୁ ତୁରନ୍ତ ସୁଇଚ ବନ୍ଦ କରିବେ । ଲଗାତାର ବ୍ୟବହାର କରିବା ଦ୍ୱାରା ସ୍ମାର୍ଟଫୋନ ଗରମ ହୋଇଥାଏ ।
- ନିୟମିତ ସ୍ମାର୍ଟଫୋନ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ ବୋଲି ଗବେଷକଙ୍କ ମତ । ବିଶ୍ୱର ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ଏହି ପରୀକ୍ଷାରେ ସାମିଲ କରାଯାଇଥିଲା । ୬୧% ଲୋକ ନୋଟିଫିକେସନ ନ ଦେଖିଲେ କୌଣସି କାମ କରିବାରେ ସେମାନଙ୍କ ମନ ଲାଗିନଥାଏ । ସେଥିପାଇଁ ସ୍ମାର୍ଟଫୋନ ବନ୍ଦ କରି କାମ କଲେ ଧ୍ୟାନ ଓ ଏକାଗ୍ରତା ବଢ଼େ ।
- ସ୍ମାର୍ଟଫୋନକୁ ଯଦି ବନ୍ଦ କରିବାକୁ ଭୁଲି ଯାଉଛନ୍ତି, ତେବେ ଅନ୍ତତଃ ପ୍ରତିଦିନ ରିବୁଟ କରିବା ଜରୁରୀ । ଏହା ଦ୍ୱାରା ପ୍ରତ୍ୟେକ ଆପ୍ଲିକେସନ ଠିକ ଭାବରେ କାମ କରେ ।
- ପ୍ରତିଦିନ କିଛି ସମୟ ମୋବାଇଲ ବନ୍ଦ କଲେ ବ୍ୟାଟେରିର ଆୟୁ ବଢ଼େ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଜୁନ୍ ୨୦୨୨, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ରିକ୍ସ ସମ୍ମିଳନୀ...

ଗତ ସପ୍ତାହରେ ଶେଷ ହୋଇଯାଇଛି ପାଂଚଗୋଟି ଦେଶଙ୍କ ମିଳିତ ସଂଗଠନ ବ୍ରିକ୍ସର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ। ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଦ୍ୱାରା ଆହୂତ ଜୁନ୍ ୨୩ ଏବଂ ୨୪ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ଚତୁର୍ଦ୍ଦଶ ଆଭାସୀ ବା ଭର୍ଚୁଆଲ ବୈଠକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିବା ବେଳେ ୟୁକ୍ରେନ୍ ଉପରେ ଆକ୍ରମଣ କରି ଭୂରାଜନୀତିକ ଅସନ୍ତୁଳନର କାରଣ ପାଲଟି ଥିବା ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ମଧ୍ୟ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କର ନିଜ ନିଜ ମଧ୍ୟରେ ବେଶ୍ କିଛି ଅସାମଂଜସ୍ୟତା ଥିବା ସତ୍ତ୍ୱେ ସେମାନେ କେବଳ ଚଉଦ ଥର ପାଇଁ ଆଭାସୀ ବା ଭର୍ଚୁଆଲ ବୈଠକରେ ମିଳିତ ହୋଇନାହାନ୍ତି, ବରଂ ସେମାନଙ୍କ ସହଯୋଗରେ ଆପାତତଃ ନିରାଡ଼ମ୍ବର ଭାବରେ କିଛି ସାକାର ରୂପକୁ ସର୍ବ ସମ୍ମୁଖରେ ପ୍ରଦର୍ଶିତ କରିପାରିଛନ୍ତି, ଯାହାର ଉଦାହରଣ ହେଉଛି ନ୍ୟୁ ଡେଭଲପ୍‌ମେଂଟ ବ୍ୟାଙ୍କ। ଏହି ସଂସ୍ଥା ଦର୍ଶାଉଛି ଯେ ଉପରୋକ୍ତ ଦେଶମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଏକ ବଳିଷ୍ଠ ସମ୍ମେଳନ ରହିଛି। ଚଳିତଥରର ବୈଠକରେ ଯୋଗଦେବାପାଇଁ କେତେକ ରାଷ୍ଟ୍ରଙ୍କୁ ଅତିଥି ଭାବରେ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା, ଯେଉଁମାନଙ୍କ ସହିତ ବୈଶ୍ୱିକ ବିକାଶ ଉପରେ ଏକ ଉଚ୍ଚ-ସ୍ତରୀୟ ବାର୍ତ୍ତାଳାପ କରାଯିବା ସମ୍ପର୍କରେ ମଧ୍ୟ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ପ୍ରଦାନ କରିଥିଲା। ଏହା ଉଲ୍ଲେଖ କରିଥିଲା ଯେ ବ୍ରିକ୍ସ ସବୁ ବିକାଶଶୀଳ ରାଷ୍ଟ୍ରଙ୍କ ପାଇଁ ସମାନ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ନିମନ୍ତେ ଏକ ମଂଚ ହୋଇପାରିଛି ଏବଂ ବହୁପକ୍ଷୀୟ ବ୍ୟବସ୍ଥାକୁ ଅଧିକ ପ୍ରତନିଧିମୂଳକ ତଥା ଅନ୍ତର୍ଭୁକ୍ତିମୂଳକ କରିବା ନିମନ୍ତେ ନିୟମିତ ଭାବରେ ସଂସ୍କାର ଆଣିବାକୁ ଇଚ୍ଛା ପ୍ରକଟ କରି ଆସୁଛି। ବ୍ରିକ୍ସର ପ୍ରଥମ ସମ୍ମିଳନୀ ୟେକାତେରିନ୍‌ବର୍ଗଠାରେ ଅନୁଷ୍ଠିତ ହୋଇଥିଲା ୨୦୦୯ରେ। ସେ ସମୟରେ ପରିବେଶରୁ ସକାରାତ୍ମକ ସଂଗଠନକୁ ରୂପାନ୍ତରିତ ହୋଇସାରିଛି। ଆଉ ଏହି ସକାରାତ୍ମକତା ଅନୁପ୍ରେରିତ କରିଥିଲା ଚଳିତ ବର୍ଷ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜର ବକ୍ତବ୍ୟରେ ପ୍ରକାଶ କରିବାକୁ ଯେ ଏହା ହେଉଛି ଏକ ପରସ୍ପରକୁ ଯୋଡୁଥିବା ଅଠା ଯାହାଭଳି 'ବିଶ୍ୱସ୍ତରୀୟ ଶାସନ/ପରିଚାଳନା ନିମନ୍ତେ ଆଉ ଏକ ସମାନ ଧରଣର ସାଂଗଠନିକ ଆଭିମୁଖ୍ୟର' ଆବଶ୍ୟକତା ରହିଛି। ଏହି ଆଭିମୁଖ୍ୟତାକୁ ପ୍ରତିଫଳିତ କରାଯାଇଛି ଚଳିତ ବର୍ଷର ସମ୍ମିଳନୀ ଉପରାନ୍ତ ବେଜିଂ ମିଳିତ ଘୋଷଣାନାମାରେ, ଯାହା 'ବିଶ୍ୱସ୍ତରୀୟ ଶାସନର ଉପାଦାନଗୁଡ଼ିକୁ ଅଧିକ ଅନ୍ତର୍ଭୁକ୍ତିମୂଳକ, ପ୍ରତିନିଧିମୂଳକ ତଥା ଭାଗିଦାରୀମୂଳକ କରିବା' ଉପରେ ଆଧାରିତ। ନିଃସନ୍ଦେହରେ ଏହା ଏକ ପ୍ରଶଂସନୀୟ ଲକ୍ଷ୍ୟ। ତେବେ ୨୦୧୫ରେ ପ୍ରତିଷ୍ଠିତ ହୋଇଥିବା ଏନଡିବି ବ୍ରିକ୍ସର ସଦସ୍ୟ ରାଷ୍ଟ୍ରମାନଙ୍କର ସମାନ ସ୍ୱାର୍ଥକୁ ଏକ ସ୍ଥାୟୀ ପରିଣତି ଆଣିଦେବାର କଦାଚିତ୍ ସକ୍ଷମ ହୋଇପାରିବା ଏହାର ଏକମାତ୍ର ଉଦାହରଣ, ଯଦିଓ ଏହା ଉଦୀୟମାନ ରାଷ୍ଟ୍ରମାନଙ୍କରେ ପ୍ରାୟ ୩୦ ବିଲିଅନ୍ ଡଲାରର ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇ ସାରିଛି। ସଦସ୍ୟ ରାଷ୍ଟ୍ରମାନଙ୍କ ମିଳିତ ଅଭିଯାନର ଉପରୋକ୍ତ ଅସାମର୍ଥ୍ୟତା ଅନ୍ୟ ଏକ ଦିଗକୁ ସୂଚୀତ କରେ। ତାହା ହେଉଛି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ମତ ପାର୍ଥକ୍ୟ, ଯାହା ସାମୂହିକ ଭାବରେ ବ୍ରିକ୍ସର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ମନେହୁଏ। ଉଦାହରଣ ଭାବରେ ନିଆଯାଇପାରେ ଜାତିସଂଘରେ ସଂସ୍କାର ଆଣିବା ସମ୍ପର୍କିତ ପ୍ରସ୍ତାବ ଏବଂ ଆତଙ୍କବାଦ ସମସ୍ୟା। ଏହି ଦୁଇଟି ପ୍ରସଙ୍ଗରେ ଭାରତ ଓ ଚୀନ୍ ପରସ୍ପରର ବିରୋଧୀ ମତ ପୋଷଣ କରନ୍ତି। ଜାତିସଂଘ ସୁରକ୍ଷା ପରିଷଦର ସମ୍ପ୍ରସାରଣକୁ ନେଇ ଭାରତ ଓ ବ୍ରାଜିଲ ଏକମତ ଥିବାବେଳେ ଚୀନ୍ ପରାମର୍ଶ ଦେଉଛି ଯେ ଭାରତ ପାଇଁ ସୁରକ୍ଷା ପରିଷଦରେ ଏକ ସ୍ଥାୟୀ ସଦସ୍ୟତା ସପକ୍ଷରେ ଏହା ଯିବନାହିଁ। ସେହିଭଳି ଆତଙ୍କବାଦ ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦର ଆର୍ଥିକକ ଅନୁମୋଦନ କମିଟିରେ ଲସ୍କର-ଇ-ତାଇବା ଆତଙ୍କବାଦୀ ଅବଦୁଲ ରେହମାନ୍ ମକ୍କି ସପକ୍ଷରେ ଅନୁମୋଦନକୁ ନିକଟ ଅତୀତରେ ବନ୍ଦ କରିବାକୁ ଭାରତ ଯେତେବେଳେ ଉଦ୍ୟମ କଲା, ଚୀନ୍ ତାର ପ୍ରତିରୋଧ କଲା। ଅବଶ୍ୟ ଚଳିତ ଥରର ସମ୍ମିଳନୀ ଉପରାନ୍ତ ଘୋଷଣାନାମାରେ ଉପରୋକ୍ତ ଉଭୟ ପ୍ରସଙ୍ଗ ସ୍ଥାନ ପାଇଛି।

# ଭିନ୍ନ ଏକ ପ୍ରାକୃତିକ ସଂକ୍ରମଣ ଭୟ



ଡକ୍ଟର ଲକ୍ଷ୍ମଣ ସାହୁ

ଗ୍ଲୋବାଲ୍ ୱାର୍ମିଂ ଆଜି କିଛି ନୂଆ କଥା ନୁହେଁ । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ମାଧମରେ ଏହାର ପ୍ରଭାବ ପୃଥିବୀର ପ୍ରାୟ ସବୁ ସ୍ଥାନରେ ଦେଖିବାକୁ ମିଳେ । ତଥାପି, ଆଉ ଏକ ବିପଦ ଅଛି ଯାହା ଏହି ଉଷ୍ମତା ଠାରୁ ଦୂରେଇ ଯାଉଛି - ତାହା ହେଉଛି ସଂକ୍ରମଣ । ସଂକ୍ରମଣର ଭୌଗୋଳିକ ଏବଂ ରସାୟନ ବିଜ୍ଞାନ ଉପରେ ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବ ପଡିପାରେ । ଯାହାକୁ ଅନେକେ ଏପର୍ଯ୍ୟନ୍ତ ବୁଝିପାରୁ ନାହାଁନ୍ତି । କିନ୍ତୁ ଏହା ସ୍ପଷ୍ଟ ଯେ ଗୋଟିଏ ପଟେ ଭାଇରସ୍ ଯାହା ଏକଦା ନିଷ୍କ୍ରିୟ ଥିଲା ସେମାନେ ପୁନର୍ବାର ସକ୍ରିୟ ହେବାକୁ ଯାଉଛନ୍ତି । ଅନ୍ୟ ପଟେ ଅଜ୍ଞାତ ସଂକ୍ରମଣ ବଢିବାରେ ଲାଗିଛି । କେତେକ ସଂକ୍ରମଣ ମହାମାରୀ, ଏପରିକି ମହାମାରୀରେ ମଧ ପହଞ୍ଚିଛି।

ଏହି ପରିସ୍ଥିତିରେ ଗତ ଏପ୍ରିଲ୍ ୨୬ ରେ 'ପ୍ରକୃତି' ପତ୍ରିକାରେ ପ୍ରକାଶିତ ଏକ ଅନୁସନ୍ଧାନ କାଗଜ ଆମକୁ ପୁଣି ଥରେ ପ୍ରଭାବିତ କରିଛି । ଜର୍ଜେଟାଉନ୍ ୟୁନିଭରସିଟିର ଅନୁସନ୍ଧାନକାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ ପୃଥିବୀ ଗରମ ହେବା ସହିତ ବନ୍ୟଜନ୍ତୁମାନେ ସେମାନଙ୍କର ପାରମ୍ପାରିକ ବାସସ୍ଥାନରୁ ଦୂରେଇ ଯିବାକୁ ବାଧ ହେବେ । ଏହି ସ୍ଥାନାନ୍ତର ବେଳେବେଳେ ବଡ଼ ବଡ଼ ବସ୍ତି ନିକଟରେ ଥିବା ଅଞ୍ଚଳରେ ହୋଇପାରେ । ଫଳସ୍ୱରୂପ ବନ୍ୟଜନ୍ତୁଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ମଣିଷରେ ଭାଇରାଲ୍ ଡେଇଁବାର ଆଶଙ୍କା ବଢିଯାଏ । ଯାହାକି ନୂତନ ମହାମାରୀର କାରଣ ହୋଇପାରେ । ବାସ୍ତବରେ, ଜଳବାୟୁ ପରିବର୍ତ୍ତନ ହେତୁ ପରବର୍ତ୍ତୀ ୫୦ ବର୍ଷ ମଧ୍ୟରେ, ଆଶଙ୍କା ରହିଛି ଯେ ୧୫.୦୦୦ ରୁ ଅଧିକ ସ୍ତନ୍ୟପାୟୀ ଜୀବାଣୁ ସଂକ୍ରମଣ ହୋଇପାରେ । ଯାହା ମଣିଷ ଏବଂ ଅନ୍ୟ ପ୍ରାଣୀମାନଙ୍କ ପାଇଁ ଅନେକଗୁଡ଼ିଏ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ! ବାସ୍ତବରେ ଏହା ବହୁତ ଉଦ୍‌ବେଗଜନକ । ତଥାପି ସେହି ସମୟରେ, ସମ୍ପୃକ୍ତ ଅନୁସନ୍ଧାନ ମଧ ପର୍ଯ୍ୟାପ୍ତ ପ୍ରତିକ୍ରିୟା ଗ୍ରହଣ କରିଛି । ବୋଧହୁଏ ପ୍ରଥମ ଥର ପାଇଁ ଏପରି ଏକ ନିର୍ଦ୍ଦିଷ୍ଟ ଭବିଷ୍ୟବାଣୀ କରାଯାଇଛି।

ପର୍ଯ୍ୟବେକ୍ଷଣରୁ ଜଣାପଡିଛି ଯେ ତାପମାତ୍ରା ବୃଦ୍ଧି ହେତୁ ବିଭିନ୍ନ ପ୍ରାଣୀ ଏବଂ ପ୍ରଜାତି ଶୀତଳ ସ୍ଥାନକୁ ଖୋଜି ଖୋଜି ଯାଆନ୍ତି । ସେମାନେ ପ୍ରଥମ ଥର ପାଇଁ ମଣିଷ ଏବଂ ଅନ୍ୟ ଜୀବଜନ୍ତୁଙ୍କ ନିକଟତର ହେବାପରେ ଅଧିକାଂଶ ନୂତନ ଜୀବାଣୁ ସଂକ୍ରମଣ ହୁଏ । ଉଚ୍ଚ ଓ ଅପେକ୍ଷାକୃତ ଶୀତଳ ଅଞ୍ଚଳରେ ସେହି ପ୍ରଜାତି ସମୃଦ୍ଧ ଇକୋସିଷ୍ଟମଗୁଡିକ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥାଏ । ସବୁଠୁ ବଡ଼ ଖରାପ କଥା ହେଉଛି, ଏହି ଉପାୟରେ ପ୍ରଥମ ଥର ପାଇଁ ପ୍ରଜାତିର ବୃଦ୍ଧି ସଂଖ୍ୟା ବୋଧହୁଏ ୨୦୭୦ ସୁଦ୍ଧା ଦ୍ୱିଗୁଣିତ ହେବ ବୋଲି ପାଇଁ ଏହା ପ୍ରକୃତରେ ଗୋଟିଏ ବଡ଼ ଧରଣର ବିପଦ ସୃଷ୍ଟି କରିବ - ଏକ 'ଭାଇରସ୍ ଟ୍ରାନ୍ସମିସନ୍ ହଟସ୍ପଟ୍' । ତେଣୁ ଆଗାମୀ ଦଶନ୍ଧିରେ ବିଶ୍ୱ କେବଳ ଉଷ୍ମତାରେ ଅସହ୍ୟ ହେବନାହିଁ, ବରଂ ମାନବ ଜୀବନରେ ଅଧିକ ରୋଗ ମଧ ଆଣିବ । ତଥାପି, ଅଧ୍ୟୟନ ଦ୍ୱାରା ପୂର୍ବାନୁମାନ କରିଛି ଯେ ଶିଳ୍ପସଂସ୍ଥା ପୂର୍ବ ତୁଳନାରେ ସାମଗ୍ରିକ ତାପମାତ୍ରା ଡିଗ୍ରୀ ସେଲସିୟସରୁ ଅଧିକ ହେବ ନାହିଁ । ବର୍ତ୍ତମାନ ବିଶ୍ୱ ୧.୨ରେ ଡିଗ୍ରୀ ଗରମ, ପ୍ରଜାତିର ସ୍ଥାନାନ୍ତରଣ ଏବଂ ରୋଗ ବିନିମୟ ପ୍ରକ୍ରିୟା ଆଗରୁ ଚାଲିଛି । ବହୁତ କିଛି ଆଗକୁ ଯାଇଛି। ଉଦାହରଣ ସ୍ୱରୂପ, ଅନେକ ନୂତନ ଭାଇରସ୍ ଦେଖା ଦେଇଛି, ଯାହାର ନାମ ପୂର୍ବରୁ କେବେ ଶୁଣାଯାଇ ନାହିଁ।

ସାମ୍ପ୍ରତିକ ଅତୀତକୁ ଦେଖିଲେ ଦେଖାଯାଏ ଯେ ଇବୋଲା ଜୀବାଣୁଙ୍କର ପ୍ରଥମ ବିସ୍ତାର ୧୯୮୬ ରେ ଘଟିଥିଲା। ୧୯୭୧ରେ ପ୍ରଥମେ ଏଡସ୍ କଥା ଶୁଣାଗଲା । ୧୯୯୨ ରେ ହଣ୍ଟା ଜୀବାଣୁ ମୂଷାଙ୍କଠାରୁ ଯୁକ୍ତରାଷ୍ଟ୍ରକୁ ସଂକ୍ରମିତ ହୋଇଥିଲେ । ୧୯୯୭ ରେ ହଂକଂରେ ବାର୍ଡଫ୍ଲୁ ଆତଙ୍କ ସୃଷ୍ଟି କରିଥିଲା । ମାଲେସିଆରେ ନିପା ଭାଇରସ୍ ପ୍ରଥମେ ବ୍ୟାଟ୍ସରୁ ଘୁଷୁରି ଏବଂ ପରେ ମାଲେସିଆରେ ମଣିଷକୁ ସଂକ୍ରମିତ ହୋଇଥିଲା । ଏହା ପରେ ୨୦୦୩ରେ ସାରସ (SARS), ୨୦୧୧ରେ ମଙ୍ଗଳ, ୨୦୧୪ ରେ ଜିକା ଏବଂ ୨୦୨୦ରେ କୋଭିଡ୍ ୧୯ ଅନୁସରଣ କରାଯାଇଥିଲା । ଏବେ ମାଙ୍କଡପକ୍ସ ନେଇ ପୁଣି ଚିନ୍ତିତ । ତା'ପରେ ଏକ ଭୂତାଣୁର ଶାସନ ଆରମ୍ଭ ହୋଇପାରେ ? ଏସବୁ ଭୂତାଣୁ ବିଲୋପ ନିମନ୍ତେ ଟିକା କିପରି ହେବ? କେହି ନିଶ୍ଚିତ ଭାବରେ ଜାଣି ନାହାଁନ୍ତି। ପ୍ରକୃତି ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଅତି କମ୍‌ରେ ୧୦,୦୦୦ ପ୍ରଜାତିର ଜୀବାଣୁ ମଣିଷକୁ ସଂକ୍ରମିତ କରିବାର କ୍ଷମତା ରଖିଛନ୍ତି । ଯଦିଓ ବର୍ତ୍ତମାନ ଏହାର ଅଧିକାଂଶ ଅଂଶ ବନ୍ୟଜନ୍ତୁମାନଙ୍କ ମଧରେ ଚୁପଚାପ୍ ଘୂରି ବୁଲୁଛି !

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୧୯୭୦ ଦଶକରୁ ନୂତନ ସଂକ୍ରାମକ ରୋଗର ପ୍ରସାର କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏଥି ମଧ୍ୟରୁ ପଚିଶ ପ୍ରତିଶତ ଜୁନୋଟିକ୍ ରୋଗ । ଏହାର କାରଣ ହେଉଛି ଜଙ୍ଗଲ ନଷ୍ଟ ହେବା ଜଙ୍ଗଲ ପରିବେଶକୁ ମାନବ ପରିବେଶର ନିକଟତର କରିଛି । ଜୁନୋଟିକ୍ ଭାଇରସ୍ ପଶୁମାନଙ୍କଠାରୁ ଆସିଥାଏ ଏବଂ କୌଣସି ପ୍ରକାରେ ମାନବ ଶରୀରରେ ପ୍ରବେଶ କରେ । ଯଦି ଏହା ମାନବ ଶରୀରରେ ବଞ୍ଚି ବଂଶବୃଦ୍ଧି କରେ, ତେବେ ଏହା ସଂକ୍ରମଣ ହୋଇ ରୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଥାଏ । ଯାହାକୁ ଜୁନୋଟିକ୍ ରୋଗ କୁହାଯାଏ। ଇକୋସିଷ୍ଟମର ମଣିଷର ବେପରୁଆ ବିନାଶ ହେତୁ ଜୀବାଣୁ ସେମାନଙ୍କ ପ୍ରାକୃତିକ ହୋଷ୍ଟରୁ (ଯେଉଁ ପ୍ରାଣୀରେ ଜୀବାଣୁ ଶୁଖିଯାଏ) ଏଥିରୁ ରକ୍ଷା ପାଇବାକୁ ସକ୍ଷମ ହୁଅନ୍ତି । ଏହିପରି ମାନବ ଉପରେ ରୋଗ ସୃଷ୍ଟିକାରୀ ବିପଦ ଆରମ୍ଭ ହୁଏ ।

ପୁନର୍ବାର, ଭାରତର ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣରୁ ଜଣାପଡିଛି ଯେ, ଜଳବାୟୁ ପରିବର୍ତ୍ତନ ହେତୁ ତାପମାତ୍ରାର ବୃଦ୍ଧି ବିଭିନ୍ନ ଭେକ୍ଟର ଦ୍ୱାରା ହେଉଥିବା ରୋଗ ଉପରେ ପ୍ରଭାବ ପକାଉଛି । ତେଣୁ ଏବେ ସେହି ଅଞ୍ଚଳରେ ଯେଉଁଠାରେ ମ୍ୟାଲେରିଆ କିମ୍ବା ଡେଙ୍ଗୁ ପୂର୍ବରୁ କେବେ ବି ହୋଇ ନଥିଲା, ସେଠାରେ ରୋଗ ବଢିବାରେ ଲାଗିଛି । ଘଟଣାଟି ହେଉଛି, 'ଭେକ୍ଟରମାନେ ଜୀବଜନ୍ତୁ ଅଟନ୍ତି ଯାହା ସଂକ୍ରାମକ ଜୀବାଣୁ ମଣିଷକୁ କିମ୍ବା ପଶୁମାନଙ୍କ ଠାରୁ ମଣିଷକୁ ପଠାଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଭେକ୍ଟର ଦ୍ୱାରା ହେଉଥିବା ରୋଗଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ସଂକ୍ରମଣର ୧୭% ଅଟେ । ପୂର୍ବରୁ ଗ୍ଲୋବାଲ୍ ୱାର୍ମିଂ ହେତୁ ଅଧିକରୁ ଅଧିକ ବରଫ ତରଳିବା ଆରମ୍ଭ ହୋଇଗଲା । ରୁଷର ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ପର୍ମାଫ୍ରୋଷ୍ଟ ବରଫ ତରଳିବା ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀର ଅନେକ ମାରାତ୍ମକ ରୋଗକୁ ଫେରାଇ ଆଣିପାରେ। ବିଶେଷକରି ସେହି ସ୍ଥାନରୁ ଯେଉଁଠାରେ ଲୋକ କିମ୍ବା ପଶୁମାନେ ସେହି ମାରାତ୍ମକ ରୋଗରେ ମୃତ୍ୟୁବରଣ କରିଥିଲେ । ଅବଶ୍ୟ, ନିଷ୍କ୍ରିୟ ପାଥୋଜେନ ସକ୍ରିୟ ରହିବ । ଏହା କିନ୍ତୁ ସବୁବେଳେ ନୁହେଁ। ପୁନଶ୍ଚ, କେବଳ ଜୀବାଣୁ କିମ୍ବା ଜୀବାଣୁ ନୁହଁନ୍ତି, ପ୍ରୋଟୋଜୋଆ ପରଜୀବୀ ମଧ ଜଳବାୟୁ ପରିବର୍ତ୍ତନ ହେତୁ ପୋଲାର ବରଫ କ୍ୟାପ୍ ତରଳିବା ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଅଧିକ । ମନେ ରଖିବାକୁ ହେବ ଯେ, ଏହି ବିଶ୍ୱ ତାପମାତ୍ରାର ଉଷ୍ମତା ଯୋଗୁଁ, ଜୀବାଣୁ ଅଧିକ ଶକ୍ତିଶାଳୀ ହୋଇପାରନ୍ତି।

ଅନ୍ୟପକ୍ଷରେ, ରୋଗର ମୁକାବିଲା ପାଇଁ ମନୁଷ୍ୟର ପ୍ରତିରୋଧକତାକୁ ଆହୁରି ଚ୍ୟାଲେଞ୍ଜ କରାଯାଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଜୁନୋଟିକ୍ ଓ ଭେକ୍ଟର ଦ୍ୱାରା ହେଉଥିବା ରୋଗ ବର୍ତ୍ତମାନ ବିଶ୍ୱରେ ପ୍ରତିବର୍ଷ ୧୦୦ ବିଲିୟନରୁ ଅଧିକ ସଂକ୍ରମଣ ହୋଇଥାଏ। ଏପରିକି ଏଥିରେ ପ୍ରାୟ ଏକ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥାଏ । ଗୋଟିଏ ପଟେ ପରିବେଶ ପରିବର୍ତ୍ତନ ଯେପରିକି ଜମି ବ୍ୟବହାରରେ ପରିବର୍ତ୍ତନ, ମାନବ ଏବଂ ପଶୁ ସଂଖ୍ୟାରେ ପରିବର୍ତ୍ତନ, ପାଥୋଜେନରେ ପରିବର୍ତ୍ତନ, କୃଷିରେ ପରିବର୍ତ୍ତନ ଇତ୍ୟାଦି ଘଟୁଛି । ଠିକ୍ ସେହିପରି ଅନ୍ୟ ପଟେ ସମସାମୟିକ ବାଣିଜ୍ୟ, ଭ୍ରମଣ, ଖାଇବା ଅଭ୍ୟାସ ଇତ୍ୟାଦିର ମାନଚିତ୍ର ବଦଳି ଯାଉଛିଳ । ଅବଶ୍ୟ କିଛି ବିପଦ କିଛି ପରିବର୍ତ୍ତିତ ଋତୁଚକ୍ରର ପ୍ରଭାବରେ ସୃଷ୍ଟି ହେଉଛି । ବର୍ଷା ଋତୁରେ ଏହା ଅଧିକ ସଂକ୍ରମଣ ହେବାର ଆଶଙ୍କା ରହିଛି । ଭବିଷ୍ୟତରେ ଅଧିକ ସଂକ୍ରମଣର ଭୟ ସହିତ ଆଜିର ଦୁନିଆ କିପରି ଆଗକୁ ବଞ୍ଚିବ ମଣିଷ ପାଇଁ ମୁସ୍କିଲ ହୋଇପଡିଛି ? ଏଥିପାଇଁ ଆମର ପ୍ରତିରକ୍ଷା ରଣନୀତି କ'ଣ ହେବ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ମାନବ ସ୍ୱାସ୍ଥ୍ୟକୁ ପରିବେଶ ବିପର୍ଯ୍ୟୟ, ରୋଗର ଉତ୍ପତ୍ତି ଏବଂ ବିସ୍ତାରରୁ ରକ୍ଷା କରିବା ପାଇଁ ଅଧିକ ଦୃଢ, ବ୍ୟାପକ ଏବଂ ସମନ୍ୱିତ ରୋଗର ଉପଯୁକ୍ତ ନିୟନ୍ତ୍ରଣ କୌଶଳ ଆବଶ୍ୟକ । 'ଗୋଟିଏ ସ୍ୱାସ୍ଥ୍ୟ' ପରି ପ୍ରୟାସ ଏହି କ୍ଷେତ୍ରରେ ପ୍ରଭାବଶାଳୀ ହୋଇପାରେ। ଯୋଜନା, ନୀତି, ଆଇନ ଏବଂ ଅନୁସନ୍ଧାନ ପାଇଁ 'ୱାନହେଲଥ' ହେଉଛି ଏକ ପ୍ରକାର ଢାଞ୍ଚା । ଏଭଳି ଏକ ବ୍ୟବସ୍ଥା ଯେଉଁଠାରେ ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ତଥା ସର୍ବଭାରତୀୟ ସ୍ତରରେ ସମନ୍ୱୟ ମାଧ୍ୟମରେ ଉନ୍ନତ ଜନସ୍ୱାସ୍ଥ୍ୟ ଫଳାଫଳ ହାସଲ କରିବାକୁ ଏକାଧିକ ବିଭାଗ ମିଳିତ ଭାବରେ କାର୍ଯ୍ୟ କରନ୍ତି। ପରବର୍ତ୍ତୀ ବିଶ୍ୱ ଆମକୁ ଠିକ୍ ଭାବରେ କହିବ ଯେ ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଓ ଅନ୍ୟ ପଟେ ବହୁମୁଖୀ ସଂକ୍ରମଣର ସମ୍ଭାବନା ଯଥେଷ୍ଟ ରହିଛି । ତେଣୁ ଏହାକୁ ପ୍ରତିହତ କରିବା ବିରୁଦ୍ଧରେ ବିଶ୍ୱର ସମସ୍ତ ଦେଶ କିପରି ଏକଜୁଟ ହେବେ ଓ ଲଢିବେ ସେଥିପାଇଁ କୌଶଳର ଆବଶ୍ୟକ ରହିଛି । ଆଶା କରାଯାଏ ବିଜ୍ଞାନର ଅଗ୍ରଗତି ଦିନକୁ ଦିନ ଯେପରି ଘଟୁଛି ଆମେ ନିଶ୍ଚିତ ଜିତିବା...!!!

+ ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ:୯୦୪୦୧୫୧୪୭୫

# ଇଡି ଓ ସିବିଆଇର ନିରପେକ୍ଷତା



ଅଧ୍ୟାପକ ଗୋପବନ୍ଧୁ

ଦୀର୍ଘ ସଂଗ୍ରାମ ଓ ବହୁ ବଳିଦାନ ପରେ ଦେଶ ସ୍ୱାଧୀନ ହୋଇଛି । ସ୍ୱପ୍ନ ଥିଲା ଅତ୍ୟାଚାରୀ ଇଂରେଜ ସରକାରକୁ ହଟାଇ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା କରିବା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ନୂଆ ଭାରତବର୍ଷ ଗଠନ କରିବା । ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଦେଶକୁ କ୍ଷୀପ୍ରଭାବେ ଆଗକୁ ଆଗେଇ ନେବା। ରାଷ୍ଟ୍ର ଗଠନରେ ସରକାରଙ୍କ ଯେତିକି ଭୂମିକା ରହିବ ବିରୋଧି ଦଳଗୁଡ଼ିକର ମଧ୍ୟ ସେହିପରି ଭାବେ ଗଠନମୂଳକ ଆଭିମୁଖ୍ୟ ରହିବ । ଦେଶରେ ନିୟମର ଶାସନ ଚାଲିବ । ନିୟମ ସମସ୍ତଙ୍କ ପ୍ରତି ସମାନଭାବେ ପ୍ରଯୁଜ୍ୟ ହେବ ।

ଭ୍ରଷ୍ଟାଚାର ଓ ଅପରାଧ ପ୍ରବଣତା ରାଷ୍ଟ୍ରୀୟ ସମସ୍ୟା । ଏଗୁଡ଼ିକର ନିୟନ୍ତ୍ରଣ ବିନା ଦେଶ ଆଗେଇ ପାରିବ ନାହିଁ । ତେଣୁ ଏ ସମସ୍ତର ନିୟନ୍ତ୍ରଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ଅଧିନରେ କାର୍ଯ୍ୟକରୁଛି। ଏଗୁଡ଼ିକ ମଧ୍ୟରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ହେଉଛି ଅନ୍ୟତମ। ସିବିଆଇର କାର୍ଯ୍ୟପରିସର ବ୍ୟାପକ । ଏହା ସମସ୍ତ ପ୍ରକାର ଅପରାଧିକ ମାମଲାର ଅନୁସନ୍ଧାନ କରୁଥିବାବେଳେ ଇଡି ଅର୍ଥନୈତିକ ଅପରାଧ ସହିତ ଜଡିତ । ଇଡି ନିକଟରେ ଯାଞ୍ଚ କରିବାର କ୍ଷମତା ସହିତ ନ୍ୟାୟିକ କ୍ଷମତା ମଧ ରହିଛି। ଏହା କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଅଧିନରେ କାର୍ଯ୍ୟକରେ । ଇଡିର ସ୍ଥାପନା ୧୯୫୬ ମସିହାରେ ହୋଇଛି । ମୁଖ୍ୟ କାର୍ଯ୍ୟାଳୟ ହେଉଛି ନୂଆଦିଲ୍ଲୀ । ବର୍ତ୍ତମାନର ପରିପ୍ରେକ୍ଷୀରେ ଏହା ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ-୧୯୯୯ (ଫେମା) ଓ ପ୍ରୋଟେକ୍ସନ ଅଫ ମନି ଲଣ୍ଡରିଙ୍ଗ ଆକ୍ଟ-୨୦୦୨ (ପିଏମଏଲଏ) ଉପରେ କାର୍ଯ୍ୟରତ। ସିବିଆଇର ଗଠନ ୧୯୬୩ ମସିହାରେ ହୋଇଛି। ଏହା ସମସ୍ତ ଅପରାଧିକ ମାମଲା ଉପରେ ତଦନ୍ତ କରେ । ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀ। ଏହାର ମଧ ତଦନ୍ତ ଓ ନ୍ୟାୟିକ କ୍ଷମତା ରହିଛି। ଏହା ଅର୍ଥ ସମ୍ବନ୍ଧିତ ମାମଲାଗୁଡିକୁ ଇଡିକୁ ହସ୍ତାନ୍ତର କରେ।

ଏ ଦୁଇଟି ସଂସ୍ଥାର ନିରପେକ୍ଷତା ଉପରେ ବାରମ୍ବାର ପ୍ରଶ୍ନ ଉତ୍ଥାପିତ ହୋଇଛି । ଏମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶମତେ କାମ କରୁଥିବାର ଅଭିଯୋଗ ହୋଇଛି । ଏ ପ୍ରକାର ଅଭିଯୋଗ ବହୁ ପୁରାତନ । କେନ୍ଦ୍ରରେ କଂଗ୍ରେସ ଯେତେବେଳେ ସରକାରରେ ଥିଲା ସେତେବେଳେ ବିରୋଧି ଦଳମାନେ ଏପ୍ରକାର ଅଭିଯୋଗ କରୁଥିଲେ । ଏବେ କେନ୍ଦ୍ରରେ ବିଜେପି ସରକାର ଅଛି ଏବଂ ବିରୋଧୀମାନେ ସମାନ ଅଭିଯୋଗ କରୁଛନ୍ତି । ଯେତେବେଳେ ଯିଏବି ବିରୋଧି ଦଳରେ ରହିଛି ସେ ଏଗୁଡିକୁ କେନ୍ଦ୍ର ସରକାରଙ୍କ ବୋଲକରା ସଂସ୍ଥା ବୋଲି ଅଭିଯୋଗ କରିଛି । ଏଗୁଡ଼ିକ କେନ୍ଦ୍ର ସରକାରଙ୍କ ଶୁଆ-ଶାରୀ ସଂସ୍ଥା ବୋଲି କହିବାକୁ ପଛାଇ ନାହାଁନ୍ତି । ଶୁଆ-ଶାରୀକୁ ଯେତିକି ଶିଖା ଯାଏ ସେମାନେ ସେତିକି କହନ୍ତି । ଠିକ୍ ସେହିପରି କେନ୍ଦ୍ର ଯେତିକି କହେ ଏମାନେ ସେତିକି ଓ ସେହି ପ୍ରକାରେ କାମ କରନ୍ତି ବୋଲି ଅଭିଯୋଗ ହୁଏ। ଅଭିଯୋଗ ଓ ପ୍ରତିଅଭିଯୋଗ ରାଜନୀତିର ଅଂଶବିଶେଷ ହୋଇପାରେ । କିନ୍ତୁ ପ୍ରକୃତ ପକ୍ଷେ ଏହି ପ୍ରକାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥାଗୁଡିକ ସରକାରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରୁଥିଲେ ଗଣତନ୍ତ୍ର ପ୍ରତି ବିପଦ । ଗୋଟିଏ ଅଗଣତାନ୍ତ୍ରିକ ସରକାର ହିଁ ଏପରି ନିର୍ଦ୍ଦେଶ ଦେଇପାରେ । ବିରୋଧି ଦଳଗୁଡିକୁ ସମାପ୍ତ କରି ନିଜର ଶାସନ କ୍ଷମତାକୁ ବଜାୟୀ ରଖିବା ଏକଛତ୍ରବାଦୀ ମନୋଭାବ ଛାଡ଼ା ଅନ୍ୟ କିଛି ନୁହେଁ। ତେବେ ଏହା ମଧ୍ୟ ବିଚାରଯୋଗ୍ୟ ଯେ ନିଜ ଦୋଷକୁ ଲୁଚାଇବା ପାଇଁ ଏପ୍ରକାର ଅଭିଯୋଗ ଅଣାଯାଉ ନାହିଁତ? ଘଟଣାପ୍ରବାହ ଓ ତଦନ୍ତକ୍ରମ ଅନେକ ସମୟରେ ଅନେକ କିଛିର ସୂଚନା ଦିଏ । ଠିକ୍ ନିର୍ବାଚନ ପୂର୍ବରୁ ବିରୋଧି ଦଳର କିଛି ବ୍ୟକ୍ତି ବିଶେଷଙ୍କ ଉପରେ ସିବିଆଇ ରେଡ୍ ଓ ଇଡି ଅଙ୍କୁଶ ଅନେକ ସମୟରେ ଧାରଣା ଜାତ କରେ ଯେ ଏ ସଂସ୍ଥାଗୁଡିକ ନିର୍ଦ୍ଦେଶ ମୁତାବକ କାମ କରୁଛନ୍ତି ବୋଲି । ହୁଏତ ଏସବୁ ସଂଯୋଗ ହୋଇଥାଇ ପାରେ । ଏହି ସଂସ୍ଥାଗୁଡିକର କାଳକ୍ଷେପଣ ନୀତି ଓ ଅଭିଯୋଗକୁ ବଞ୍ଚାଇ ରଖି ମଝିରେ ମଝିରେ ଉଖୁରେଇ ବାହାର କରିବା ନୀତି ମଧ ସନ୍ଦେହଜନକ । ତଦନ୍ତ ପ୍ରକ୍ରିୟାକୁ ନେଇ ମଧ ସନ୍ଦେହ ଜାତ ହୁଏ । ଇଡି ଦ୍ୱାରା ୨୦୧୯ ସୁଦ୍ଧା ବିଗତ ୧୪ ବର୍ଷ ମଧରେ ମାତ୍ର ୧୫ ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଛନ୍ତି । ୨୦୧୪ ରୁ ୨୦୨୨ ମଧରେ ଦୋଷୀ ସାବ୍ୟସ୍ତ ହେବା ମାତ୍ରା ଶତକଡା ୦-୫ ଭାଗ ମାତ୍ର। ଦେଶରେ ଅର୍ଥନୈତିକ ଅପରାଧ ଚରମ ସୀମାରେ ପହଞ୍ଚିଛି । ବ୍ୟାଙ୍କ୍ ଜାଲିଆତି, ହାୱାଲା କାରବାର, ଫେରାର ଉଲ୍ଲଘଂନ ପ୍ରଭୃତିକୁ ରୋକାଯାଇ ପାରୁନାହିଁ । କଳାବଜାରୀମାନେ ହଜାର ହଜାର କୋଟି ଟଙ୍କା ଲୁଟିନେଇ ବିଦେଶକୁ ପଳାଇ ଯାଉଛନ୍ତି । ଏପଟେ ଇଡି ଅନ୍ଧାରରେ ବାଡି ବୁଲେଇଲା ପରି ଲାଗୁଛି । ଏହି ବିଭାଗରେ ଅନୁମୋଦିତ କର୍ମଚାରୀ ସଂଖ୍ୟା ୨୦୬୪ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଭାବଗ୍ରାହୀ

### ଧ୍ରୁବ ଚରଣ ବେହେରା

କୁନା ଜିଦି କଲା ବାପଙ୍କ ପାଖରେ
ତୁମ ସାଥେ ଯିବି ପୁରୀ
ଦେଖିବି କାଳିଆ କଳା ଠାକୁରଙ୍କୁ
ଆସୁଥିବେ ଥିରି ଥିରି ।
ବରଷକେ ଥରେ ବିଶ୍ୱ ମହାପ୍ରଭୁ
କରୁଛନ୍ତି ରଥ ଯାତ
ସେଥି ପାଇଁ ପରା କାହିଁ କେତେ ଆଡୁ
ଆସନ୍ତି ଭକ୍ତ ବହୁତ ।
କରୁଣା କର ସେ ଭାବ ବିନୋଦିଆ
ଭକତ ଉଦ୍ଧାର ପାଇଁ
ନୀଳାଚଳ ପରେ ବିଜେ କରିଛନ୍ତି
ଦାରୁବ୍ରହ୍ମ ରୂପ ନେଇ ।
ମାଗିବି ମନକୁ ଖୋଲିଦେଇ ମୋର
ଦୁଇହାତ ଟେକି ଦେବି
ଦିଅ ଭଗବାନ ଭଲ ବିଦ୍ୟା ମୋତେ
ତୋ ପାଦେ ଶରଣ ନେବି
ଧ୍ରୁବ ପ୍ରହଲ୍ଲାଦ ତୋ ଦୟାରେ ପ୍ରଭୁ
ହୋଇଥିଲେ ମହାଜ୍ଞାନୀ
ହେ କରୁଣାକର କରନ୍ତୁ ଆଶିଷ
ତୋ ପାଖେ ମୁହିଁ ଅଜ୍ଞାନୀ ।
କୁନାର ଭକତି ଦେଖି ତାଙ୍କ ବାପା
ନେଇଗଲେ ତା'କୁ ପୁରୀ
ଦେଖାଇଲେ ତାକୁ କାଳିଆ ବଳିଆ
ସୁଭଦ୍ରାଙ୍କ ସୁନା ଶିରୀ ।
ଲକ୍ଷେ ରାଜାଙ୍କର ମଉଡମଣି ସେ
ଚିର ଚିନ୍ମୟ ହରି
ଭାବ ଲଗାଇଲେ କୋଟି ପୁଣ୍ୟ ମିଳେ
ଜଗନ୍ନାଥ ଦଇତାରି ।
କୁନା ଦେଖି ଯାତ ମନରେ ଆନନ୍ଦ
କହିଲେ ସରିବ ନାହିଁ
ସଂସାରରେ ସାର ଲୀଳା ଅନନ୍ତ
ଲୀଳାମୟ ଭାବଗ୍ରାହୀ ।

+ଅଠରବାଟିଆ, ବାଲୁଗାଁ ,ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪

## ସଂଗ୍ରାମ...

### ସୁଧାକର ସେଠୀ



ସ୍ୱପ୍ନ ସମ୍ଭାବନାର ଚିତ୍ର ଥିଲା ଅସ୍ପଷ୍ଟ
ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ
ସଂଗ୍ରାମର ଅବ୍ୟକ୍ତ ଯନ୍ତ୍ରଣା,
ଲଢେଇ ଭିଟାମାଟି ପାଇଁ
ଚାରିଆଡେ ଭୟାତୁର ପରିବେଶ
ବଡପଣ୍ଡାଙ୍କ ମନମାନି
ପ୍ରତିକ୍ଷା ଦରଦୀ ଆଖିର ନିର୍ବାଣତ୍ୱ ।

ମାଇଲ ମାଇଲ ଦୂରତ୍ୱ
ଅତିକ୍ରମ କରୁଥିବା
ଫୁଙ୍ଗୁଳା ପାଦ ଯୁଗଳ,
କେତେ କ ।ଝ ।, ବନ୍ଧୁରତା
ସ୍ୱାଧିନତ ।ର ଭାରତର କଥା।
କଥା ଗାଁ ଗହଳିର
ହାତରେ ବିଶ୍ୱାସ ଭକ୍ତିର ଅର୍ଘ୍ୟ,
ସାହା ବାବା ଚନ୍ଦନେଶ୍ୱର
ନିଜ ପାଇଁତ ସେ କିଛି ମାଗିନି
ମାଗିଛି ସମାଜ ପାଇଁ ଏ ଜାତି ପାଇଁ
ଛିଣ୍ଡାଇବାକୁ ଅସମତାର ଶୃଙ୍ଖଳ
ଲୋଡ଼ିଛି,
ଲଢିବାକୁ ଆଉ ଏକ ଅର୍ଜୁନ ।
ନ୍ୟାୟ ପାଇଁ ଦୌଡୁଥିବା
ଦୁଇ ଦେହ ଏକ ପ୍ରାଣ
ଧୂଳି ଧୂସରିତ ରାସ୍ତା,
ଦୂରତା ମାପିବାକୁ ଆଖିନାହିଁ
ଅଚିହ୍ନା ଅପରିଚିତ ସହର
ଘ ।ଘ । ଅପେକ୍ଷା ବସ୍‌ଟିଏ ପାଇଁ,
ଅଖିଆ ପେଟ,
କୁଆଡୁ ପାଉଥିଲା ଏତେ ସାହାସ
ସମ୍ମୁଖରେ ଘେରିଛନ୍ତି
ଚତୁରଙ୍ଗୀ ସେନା,
ଥକିନି, ଖୁବ ଲଢିଛି
ଏ ସବୁ କଣ ସମ୍ଭବ
ଜଣେ ସାଧାରଣ ମଣିଷ ପାଖରେ
ଇତିହାସ ରଖିବ ସାଇତି
ଭୁଲିବନି, ଭୁଲିବ ବା କାହିଁକି
ଲଢେଇ ତ ସତ୍ୟର, ଲଢେଇ ତ
ଅନ୍ୟାୟ ଅତ୍ୟାଚାର ଦମନର ।
ପ୍ରେରଣା ଯୋଗାଇଛି
ଭରି ଦେଇଛି ଆଶିଷ
ଲଢିବା ପାଇଁ ଜୀବନଯୁଦ୍ଧ
ତିନୋଟି କୋମଳ ଶିଶୁ
ଗୋଟିଏ ଡୋରରେ ବନ୍ଧା
ଦୃଢ ସଂକଳ୍ପ, ବ୍ୟାକୁଳତା
ଛୁଇଁବାକୁ ଉଦିତ ସୂରୁଜ।
ସେ ତେଜଦୀପ୍ତ ରୂପ
କେମିତି ପଡିଥାନ୍ତା ଥକି
ପ୍ରତ୍ୟେକ ମୂହୁର୍ତ୍ତ ଜଳିଜଳି
ଖୋଜିଛି ସତ୍ତା ବିଭୁର ସ୍ୱପ୍ନ ସଫଳ ।

ଯୁଦ୍ଧରେ ଅନ୍ୟାୟ,
ଅନୀତିର ବିପର୍ଯ୍ୟୟ
ପ୍ରତିଷ୍ଠା ସତ୍ୟ, ଧର୍ମର
ସେ ମରଣାନ୍ତକ ଆକ୍ରମଣ
ସେ ଷଡ଼ଯନ୍ତ୍ରର ପଶାପାଳି
ପାରିନି ରୋକି,
ଦୃଢ ଇଚ୍ଛାଶକ୍ତି ବଞ୍ଚାଇ ରଖିଛି
ଆଦରିବାକୁ ନବ ସକାଳ
ଚେତେଇ ଦେବା ପାଇଁ,
ଭାଙ୍ଗି ଦେବାପାଇଁ ପ୍ରାଚୀର
ଜାତିବାଦର, ଧନୀ ନିର୍ଦ୍ଧନର ।

ସରଳ ଭକ୍ତି ସତ୍ କର୍ମ
ମଣିଷକୁ କଢେଇ ନିଏ ସଠିକ ରାସ୍ତା
କରିଦିଏ ଆଦର୍ଶ, ସମାଜ କରେ
ଆପଣାର ।
ନଥିଲା ସେ ପଥ ସୁଗମ୍ୟ
ସାଧାରଣ ପରିବାରରୁ, ଯାତ୍ରା
ଭାରତୀୟ ପ୍ରଶାସନିକ ସେବା
କଣ ଏତେ ସହଜ !
ଝରିପଡି ଥିବ ଟୋପାଟୋପା
ରୁଧିର, ଲଢିଥିବ ଶହଶହ
ଲହଲହ ଜିହ୍ୱାଧାରୀ ନରଭକ୍ଷୀଙ୍କ ସହ
ବାରମ୍ବାର ବାଧକ ସାଜିଥିବ
ଜାତିବାଦ, ନିର୍ଦ୍ଧନର ସୁଉଚ୍ଚ ପ୍ରାଚୀର ।

ବିଶୁ ମହାରଣାର ସୃଷ୍ଟି କାଳଜୟୀ
ପ୍ରତ୍ୟେକ ନିହାଣ ମୂନ ସୂଚାଇ
ଦେଇଛି ଜାତି ଇତିହାସ
ବକ୍ଷେ ପରା ଧରିଛି,
ଉତ୍ଥାନ ପତନର ପ୍ରତିଟି ଘଟଣା
ସେ ସଂଗ୍ରାମର ଅଭୁଲା କାହାଣୀ ।
ଆଜି ହୃଦେ ସମାହିତ
କୋଣାର୍କ ତ ଗଢିଛି, ଗଢିଛି
ସେ ମାଟିର ଧର୍ମପଦକୁ
ରଚିବାକୁ ନବ ଇତିହାସ ।

ଭିନ୍ନକ୍ଷମ ଜାତୀୟ କ୍ରୀଡାବିତ ତଥା
ମାନବାଧିକାର କର୍ମୀ
ଜୟେଶ୍ୱରପୁର, ବାଲେଶ୍ୱର
ମୋ: ୯୩୩୭୬୮୧୫୨୪

## ମଣିଷ ପଣିଆ

### ରୋହିତ ସେଠୀ


ଦୁନିଆ ଦାଣ୍ଡରେ ମଣିଷ ପଣିଆ
ହଜିଅଛି ବନ୍ଧୁ ଆଜି
ବିବେକୀ-ସଚ୍ଚୋଟ-
ସତ୍ୟ-ନ୍ୟାୟ-କ୍ଷମା
ସବୁତ ଯାଇଛି ହଜି ।
ସ୍ୱାର୍ଥ ଲାଗି ଅନ୍ଧ ଏ ମାନବ ଜାତି
ଅହଙ୍କାରୀ, ଈର୍ଷା ପଣେ
ଶୋଷଣ କଷଣ ଅତ୍ୟାଚାର କରି
ସ୍ୱୟଂ ଭଗବାନ ମଣେ ।
ପାପ କର୍ମ କରି ନିଜକୁ ବୋଲାଏ
ସବୁଠାରୁ ଶକ୍ତିଶାଳୀ
ଜାଣିଶୁଣି ସେତ ଖୋଲେ
ନାହିଁ କେବେ
ସ୍ୱାର୍ଥର ଅନ୍ଧ ପୁଟୁଳି ।
ସ୍ନେହ-ପ୍ରେମ-ଶ୍ରଦ୍ଧା-ଶାନ୍ତି ବଦଳରେ
ସୃଷ୍ଟି କରେ ହିଂସା କ୍ରୋଧ
ନିଜର ବୁଦ୍ଧିରେ ମଣିଷ ପଣିଆ
ନିଜେ ହିଁ କରଇ ବଧ ।
କୁହ କେଉଁ ଲାଭ ଏମିତି ମାନବ
ସମାଜରେ ବଞ୍ଚିଥାଇ
ଯାହାର ହୃଦୟେ କାଣିଚାଏ ହେଲେ
ମଣିଷ ପଣିଆ ନାହିଁ ।

+ଶିକ୍ଷକ
ଦୁତିମେଣ୍ଡି,ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

## ବର୍ଷା ଅଭିସାର

### ରତ୍ନାକର ରାଉତ





ପହିଲି ଶ୍ରାବଣ ବରଷାରେ ଭିଜି
ତୁମକୁ ପାଇଲି ଖୋଜି
ଝରା ବଉଦର କୋମଳ ଛୁଆଁରେ
ତୁମ ତନୁ ଯାଇଥିଲା ଭିଜି ।

ଆଶା ଆକାଶରେ ଫୁଟିଗଲା ଫୁଲକଢି
ମନ ସରସୀରେ ପ୍ରୀତିର କମଳ କଳି
ଶୀତଳ ସମୀର ପରଶେ ଖେଳିଲା ଦୋଳି
ଲାଜୁଆ ଆଖିରେ ଚପଳ ବିଜୁଳି ଖେଳ
ସତେକି ଗୋ ତୁମେ ବରଷା ବନିତା
ପ୍ରଣୟ ପୀୟୁଷ ଫୁଲ ।

ଏ ଆଖି ଦେଖିଲା ଅପରୂପ କାନ୍ତି ଶୋଭା
ଅଙ୍ଗରେ ଅଙ୍ଗରେ ଶତ ସୁରୂଯର ଆଭା
ମନ ହେଉଥିଲା ହେଜି
ଏହି ସେହି ପ୍ରିୟା ସ୍ନିଗ୍ଧ ତନୟା
ଯାହାକୁ ଥିଲି ମୁଁ ଖୋଜି ।

ଲାଜକୁଳି ତୁମେ ଲାଜରେ ସରମିଗଲ
ବାମ ଚିବୁକରେ ଭଉଁରି ଖେଳିଲା ଖେଳ
ଅଧରେ ପୁଟରେ ଧାରେ ଲାଜମିଶା ହସ
ନିରବେ କହିଲା ଆସ ପ୍ରିୟେ ପାଖେ ଆସ
ଏହି ନିରିଜନ ବରଷା ବିତାନ ବେଳେ
ଶାଳ ବିଥିକାର ତଳେ
ହୋଇଗଲେ ଏକ ତାନ
ଅନୁରାଗ ଭରା ଅନୁଭବେ ଯିବା ହଜି
ନିବିଡ ଆଶ୍ଳେଷେ ଅଭିସାରେ ଯିବା ମଜ୍ଜି
ଯେତେ ଝଡ ଝଞ୍ଜା ପ୍ରଳୟ ଆସୁଛି ଆସୁ
ଆମ ଦୁଇ ମନ ହୋଇଗଲେ ଥରେ ରାଜି ।

ପହିଲି ଶ୍ରାବଣ ବରଷାରେ ଭିଜି
ତୁମକୁ ପାଇଲି ଖୋଜି
ଝରା ବଉଦର କୋମଳ ଛୁଆଁରେ
ତୁମ ତନୁ ଯାଇଥିଲା ଭିଜି ।

+ ଭୁବନେଶ୍ୱର

## କଂକ୍ରିଟ ଜଙ୍ଗଲ

### ଡ. ହରିଶ୍ଚନ୍ଦ୍ର ବେହେରା





ଆମେ ପୁଣି ଥରେ ଆଣିପାରିବୁ ନାହିଁ ମନ୍ଦରକୁ
ସମୁଦ୍ର ମନ୍ଥନ ପାଇଁ
ଜନ୍ମିବେ ନାହିଁ ଜଣେ ବି ଶିଶୁ
କାନି ଆଙ୍ଗୁଠିରେ ଟେକି ଧରିବା ଲାଗି
ଗିରି ଗୋବର୍ଦ୍ଧନ ଅବା ଆଉ କେଉଁ ପର୍ବତକୁ
ଇନ୍ଦ୍ରଙ୍କ ଅହଂକାର ଭାଙ୍ଗିବା ଲାଗି

ଆଉଥରେ କେଉଁ ହନୁମାନ ମୁଣ୍ଡରେ ଥୋଇ ଆଣି ପାରିବନି
ଗନ୍ଧମାର୍ଦ୍ଦନ ପର୍ବତ କୁ ଛାର କେଇଟା ବିଶଲ୍ୟକରଣୀ ଲାଗି
ଆମେ କ' ଣ ଖଞ୍ଜି ପାରିବୁ ପଥର ଦେହରେ ଆତ୍ମା
ତାକୁ ବାଂମୟ କରିବା ଲାଗି
ଯିଏ କହିପାରିବ 'ଠିକ ଅଛି ଡମ୍ବରୁ
ମୁଁ କିଛି ସମୟ ତୁଳାପରି ହାଲ୍କା ହୋଇ ଉଠି ଯିବି ଉପରକୁ
ତୁ ନେଇଯା' ତା' ତଳୁ ମାଟି
ଆରୋଗ୍ୟ ଲାଭ କରୁ ଏକମାତ୍ର ରାଜକନ୍ୟା
ପାଇଯା' ତୋର ଅଭିଳିଷିତ ଯା' କିଛି
ବଦଳି ଯାଉ କୁତ୍ସିତ ଜୀବନ ଧାରା
ଯା' ଯା'...

ଆମେ ତ ଏବେ ଡିନାମାଇଟିରେ ଭାଙ୍ଗି ଚାଲିଛୁ
ପାହାଡ଼ ପରେ ପାହାଡ଼
ସଜେଇ ଚାଲିଛୁ ଗୋଟେ କଂକ୍ରିଟ ଜଙ୍ଗଲ
ଯେଉଁଠି ହୃଦୟ ହୀନ ଜାନୁଆରଙ୍କ ଭିଡ଼

ଆମେ ଉଜାଡ଼ି ଚାଲିଛୁ ପଶୁପକ୍ଷୀଙ୍କ ନିରାପଦ ନୀଡ଼
ବାଘ ହାତୀ ଏବେ ଜନପଦ ମୁହାଁ

ଆମ ଆଖିକୁ ଆଉ ଦିଶିବ ନାହିଁ
ଫେରିବା ବାଟରେ ଟିକେ ଥକ୍କା ମାରିବାକୁ
ପାହାଡ଼ ଉପରେ ମୁଣ୍ଡ ଦେଇ ଶୋଇ ପଡ଼ିଥିବା ଜହ୍ନ
ତା 'ର ଲଳିତ କୋମଳ ପାଦଚିହ୍ନ
ଛୋଟ ଛୁଆଟେ ପରି କୋଳେଇ ନେଇ
ନାନାବାୟା ଗାଇବ ନାହିଁ ଆକାଶ
ତା' ଚୂଡ଼ାକୁ ପଣତରେ ଢାଂକିବ ନାହିଁ ନୀଳମେଘ


କବିଟିଏ ଅଟକି ଯାଇ ପଚାରିବ
'ଆରେ ଭାଇ, ଏଠି ଯେଉଁ ଦେବତାତ୍ମା ପାହାଡ଼ଟେ ଥିଲା
କୁଆଡ଼େ ଗଲା କହି ପାରିବ !'
ଆମ ପିଲାଏ ପୃଥିବୀର ମାନଚିତ୍ରରେ ଦେଖିବେ
ଅମୁକ ଅମୁକ ପାହାଡ଼ର ଉଚ୍ଚତା କେତେ
କେଉଁ ମୁଲକରେ ଥିଲା


ଦିନେ ଆର୍ଟ ଗ୍ୟାଲାରୀରେ ଶୋଭାପାଇବ
ଡାୟନସରର କଙ୍କାଳ ପରି ପାହାଡ଼ର କଙ୍କାଳ କେବଳ ।

+ ବାଲେଶ୍ୱର

## ସତ୍ୟବାନ

### ଭରତ ଚନ୍ଦ୍ର ଦାଶ





ମୋତେ
ଥରେ ନୁହଁ ବହୁବାର
ଜନ୍ମ ନେବାକୁ ପଡିଛି
ମ ର୍ତ୍ୟରେ ମୃତ୍ୟୁଲୋକରେ
ଦେବତା ହେବା ସହଜ
ମଣିଷ ହୋଇ ଜନ୍ମଲାଭ କରିବା
ଅନେକ ତପସ୍ୟା କରିବାକୁ ପଡେ
ଦେବତାମାନେ ନର ରୂପରେ
ଜନ୍ମଲାଭ କରିବାକୁ ମନ ବଳାନ୍ତି
ମ ର୍ତ୍ୟ ସୁଖ ସ୍ୱର୍ଗ ସୁଖ ଠାରୁ
ଅନନ୍ୟ ସ୍ୱାଦ ଥାଏ ଜୀବନରେ
ଭୋଗ ବିଳାସର ଲୀଳାକ୍ଷେତ୍ର
ଲୀଳାମୟ ପୁରୁଷ ଯାଦବଶ୍ରେଷ୍ଠ
ବାସୁଦେବଙ୍କ ବାଲ୍ୟ, ଯୌବନ
ପୌରୁଷତ୍ୱର ଲୀଳା ବେଶ୍
ଚର୍ଚ୍ଚା ଚର୍ଚ୍ଚିତ ସ୍ୱର୍ଗରେ
ଋଷି ମୁନିମାନେ ଆତ୍ମସଙ୍ଗ ପାଇଁ
କେତେ ବ୍ୟାକୁଳ ଓ ଆତ୍ମଲୀନ
ପ୍ରେମରେ ପ୍ରତ୍ୟୟରେ ତଲ୍ଲୀନ
ତଦ୍ଗତା ପୁଣି ସ୍ୱବିସ୍ମୃତିରେ ।

ପ୍ରେମରେ
ଜୀବନ ଅଛି
ଜ୍ୱଳନ ବି ଅଛି
ସେଇଥି ପାଇଁ ତ
ପ୍ରେମ ମଧୁକ୍ଷରା
ପ୍ରୀତିର ଅସରନ୍ତି ଅକ୍ଷୟ
ପୀୟୂଷ ପସରା ।
ସାବିତ୍ରୀ ଅହଲ୍ୟ ଅନସୂୟା
କୁନ୍ତି ତାରା ମନ୍ଦୋଦରୀ
ପୁଣି ଯାଜ୍ଞସେନୀ ଦ୍ରୁପଦ ନନ୍ଦିନୀ
ପ୍ରେମରେ ପ୍ରଣୟରେ ଭୂମିରୁ ଭୂମାଯାଏ
ରଚିଥିଲେ ପ୍ରୀତିର ସ୍ୱର୍ଗ
ସତୀ ସାଧ୍ୱୀ ବ୍ୟକ୍ତିତ୍ୱର ଚରମରେ
ପରମରେ ବାନ୍ଧିଥିଲେ ପରମାତ୍ମାକୁ ।
ସାଧନାର ସିଦ୍ଧିରେ
ପରମାର୍ଥିକ କ ର୍ତ୍ତବ୍ୟରେ
ସେମାନଙ୍କ ଉଚ୍ଚ ଆଦର୍ଶବୋଧ
ଅନତିକ୍ରମ ଚିରକାଳ କାଳାନ୍ତର ପାଇଁ ।
ମୁଁ ଶତ ଚେଷ୍ଟାପରେ ବି
ନା ବାନ୍ଧିପାରୁଛି ମନକୁ
ନା ଛନ୍ଦିପାରୁଛି କାମନାକୁ
ବାସନା ତ ଲମ୍ଫି ଲମ୍ଫି ଚାଲୁଛି
ଭୋଗର ପରିତୃପ୍ତି ପାଇଁ ।
ଦେହରେ କେବଳ କାମ
ପ୍ରେମ ଏଠି ଅଦୃଶ୍ୟ ଅସ୍ପୃଶ୍ୟ
ବିଳାସର ବୈଜୟନ୍ତି ଉଡେ
ମୋର ସତ୍ୟବାନ ହେବା
ଦିବାସ୍ୱପ୍ନ ମିଥ୍ୟାବଚନରେ
ମୁଁ ମିଥ୍ୟାବାନ
ସାବିତ୍ରୀ ମୋ ଅପ୍ରାପ୍ତିର ଏକ
ଅଲିଖିତ ନାମବାଚକ
ପଦଟିଏ ମାତ୍ର ।

କାମନା ବାସନାର
ଅବଦମିତ ପତାକା ଯେ
ଉଡେ ଅବିରତ
ତୁମେ କୁହ ସତ୍ୟବାନ
ବନିବା ମୋ ପାଇଁ
ଅବାଞ୍ଛିତ ଶବ୍ଦଟିଏ ମାତ୍ର ।

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା ,ବାଲେଶ୍ୱର -୭୫୬ ୧୨୬
ଭ୍ରାମ୍ୟଭାଷ -୯୪୩୭୩୭୨୧୬୬

## 'ଇତି' ତୁମ ପ୍ରେମ ପାଗଳିନୀ

### କିରଣ କୁମାର ମହାନ୍ତି





ହାତରେ ଅର୍ଘ୍ୟଥାଳି ମଥାରେ ନାଲି ଓଢଣୀ
ଆଉ ଆଖିରେ ଦି' ବୁନ୍ଦା ଲୁହ ନେଇ
ମୁଁ ସ୍ତବ୍ଧ ପ୍ରାୟ ତୁମ ସିଂହଦ୍ୱାର ସମ୍ମୁଖେ ?

ଭାରି ଇଚ୍ଛା ତୁମକୁ ପାଖରୁ ଟିକେ ଦେଖିବାକୁ
ତୁମର ସେ ଡିମା ଡିମା ଆଖି ଯୋଡିକ ରେ ଆଖି ମିଶାଇ
ଭାବନା ରାଇଜରେ ହଜିଯିବାକୁ
ଆଉ ସେ ରକ୍ତିମ ଓଠରୁ ରଙ୍ଗ ଟିକେ ଆଣି
ମଥାରେ ସିନ୍ଦୂର କରି ନାଇବାକୁ ?

ଇଚ୍ଛାହୁଏ
ନାଟମଣ୍ଡପରେ ବସି ତୁମକୁ ଝୁରିବାକୁ
ଆନନ୍ଦବଜାର ରେ ତୁମ ହାତରୁ ଖାଇବାକୁ ଅବଢା
ଆଉ ଶବରୀ ପରି ତୁମକୁ ଖୁଆଇଦେବାକୁ
ଚାତକ ପରି ଚାହିଁରହିବାକୁ ତୁମ କଳାଶ୍ରୀମୁଖକୁ ?

ପେନ୍ଥା ପେନ୍ଥା ଶ୍ୱେତକମଳ ହୋଇ
ଅଜାଡି ହୋଇଯିବାକୁ ତୁମ ପଦପଙ୍କଜ ଦ୍ୱୟରେ
ଆଉ ତୁମ ନାମର ଜପମାଳା କରି ଜପିବାକୁ ଅହରହ ?

ମୋ ହୃଦୟର ଚକମକ୍ ପର୍ଦ୍ଦାରେ
ତୁମେ ଯେ ଝଟକୁଥାଅ ପ୍ରତିକ୍ଷଣ
ତୁମ ମଧୁଝରା ପ୍ରେମରେ ମୁଁ ତିନ୍ତୁଥାଏ ଅବିରତ ?

ମହାଫୁଲରସିଆର ସନ୍ଧାନେ ମାମୁଲି ପ୍ରଜାପତି
ପରି ପ୍ରେମସିକ୍ତ ଡେଣା ଧରି ଉଡିବୁଲେ ମୁଁ
ଏଣେତେଣେ ମେଘନାଦ ପାଚେରୀ ଚାରିପଟେ
କାନରେ ଫୁସଫୁସ୍ କରି ଶୁଭେ କିଛି ଅସ୍ପଷ୍ଟ ଶବ୍ଦ
ସତେ ଅବା ତୁମେ ଦେଉଛ ମୃଦୁ ପ୍ରତ୍ୟୁତ୍ତର !!

ନିଶାର୍ଦ୍ଧରେ ତୁମକୁ ସ୍ୱପ୍ନ ରେ ଦେଖି ଚମକି ଉଠେ
କପାଳରୁ ଝରି ଯାଏ ବୁନ୍ଦା ବୁନ୍ଦା ଝାଳ
ଶେଯରେ ଅନୁଭବେ ତୁଳସୀ ଓ ଦୟଣାର ମହମହ ବାସ୍ନା
ମୋ ଗୋରା ଦେହେ ତୁମ ଶ୍ୟାମଳ ରଙ୍ଗର ପରଶ
କି ଅବା ବର୍ଣ୍ଣିହୁଏ !!!

ମେଜ ଉପରେ ତୁମ ପ୍ରତିଛବି ଦେଖି ମୁରୁକି ହସେ
ମନ୍ଦିରରେ ସିନା ନାହିଁ ତୁମକୁ ଦେଖିବାର ଅଧିକାର
କିନ୍ତୁ ସ୍ୱପ୍ନରେ ବାରମ୍ବାର ତୁମ ଦିବ୍ୟସ୍ପର୍ଶ ରେ ଶିହରିଯାଏ
ତନ ମନ ପ୍ରାଣ ଆଉ ଏ ତୃଷିତ ଆତ୍ମା ?

କି ସମ୍ମୋହନ ମାୟା ଜାଣ ଅବା ତୁମେ ?
ସାତ ଦରିଆ ପାରିରୁ ଟାଣି ଆଣ ମୋତେ
ତୁମ ପାଖକୁ ବାରବାର ।
ଏ ରସିକ ଆଖି ଯୋଡିକରେ କି କାଉଁରୀ ମନ୍ତ୍ର ଅଛି କେଜାଣି
ପ୍ରତିଥର ତୁମ ପ୍ରେମରେ ପଡେ,
ସମସ୍ତଙ୍କ ମଧ୍ୟେ ତୁମକୁ ଦେଖେ
ଯେଉଁଠି ବି ଖୋଜେ, ଖାଲି ତୁମକୁ ହିଁ ପାଏ ?

ତୁମକୁ ଭବ୍ୟ ସୁନ୍ଦର ପ୍ରେମିକ ଭାବି
ମୁଁ କାଳକାଳ ଅପେକ୍ଷାରତ ପ୍ରେମିକା ସାଜେ
ସେ ଅନିନ୍ଦ୍ୟସୁନ୍ଦର ରୂପ ସଂଦର୍ଶନରେ
ଅହରହ ଆତ୍ମବିସ୍ମୃତ ହୁଏ ।
ମୋ କୋମଳ ହୃଦୟ, ପ୍ରେମ ଓ ଭକ୍ତିର
ଏକ ଅପୂର୍ବ ରସରେ ଉଛୁଳି ଉଠେ ?

କେବଳ ତୁମରି ପାଇଁ ବିରହିନୀ ସାଜି
ରାତି ରାତି ଉଜାଗର ରହେ ।
କେବେ ରାଧା କେବେ ମୀରା
ତ ପୁଣି କେବେ ଦେବଦାସୀ ସାଜି
ଗୀତଗୋବିନ୍ଦର ତାଳେ ତାଳେ ଇଚ୍ଛା ହୁଏ ନାଚିବାକୁ ?

ହେଲେ ତୁମ ଅରୁଣ ସ୍ତମ୍ଭ ସମ୍ମୁଖ ବୋର୍ଡରେ ଲେଖାଥିବା
ବଡବଡ ଅକ୍ଷର ମୁଁ ଆଉ ତୁମ ମଧ୍ୟରେ
ଲକ୍ଷ୍ମଣରେଖା ଟାଣେ ।
ଦେହକୁ ଦେହଠୁ ଦୂରେଇରଖେ
ହେଲେ ଆତ୍ମା ?

ମୋ ଆତ୍ମାରେ, ମୋ ହୃଦୟରେ
ତୁମେ ଯେ ପ୍ରବେଶ କର ଅବିରତ
ଆଉ ତୁମ ଗର୍ଭଗୃହେ ଝିଲମିଲ୍ ଡେଣା ମେଲାଇ
ଉଡେ ମୋ ପ୍ରେମପକ୍ଷୀ
ତୁମ ଶ୍ରୀଅଙ୍ଗ କୁ ଛୁଇଁଦେଇଯାଏ ବାରବାର ?

ହେ ପରମପ୍ରେମ ?
ମନ୍ଦିର ବାହାରୁ ତୁମକୁ ମୋ ଭାବର ଚିଠି
ମୋ ପାଇଁ ସିନା ମନା ତୁମ ସିଂହଦ୍ୱାର
ହେଲେ ଏ ହୃଦୟ ଦୁଆର ତୁମ ପାଇଁ ଉନ୍ମୁକ୍ତ ଚିରକାଳ ?

ତୁମେ ହୋଇଯାଅ ମୋ ଆଖିର କଜଳଗାର
ଆଉ ମଥାର ସିନ୍ଦୂର
ଯେମିତି ପ୍ରତିଦିନ ଆଇନା ରେ ଚାହିଁରହିବି ତୁମକୁ
ଅପଲକ ନୟନରେ ଲାଜୁଆ ଚାହାଣିରେ ।
ତୁମେ ହୋଇଯାଅ ମୋ ମଥାମଣି
ଷୋଳଶୃଙ୍ଗାର ରେ ତୁମକୁ ନାଇ ହେବି ସଜେଇ ?


ପୁଣି ହୋଇଯାଅ ମୋ ପ୍ରଶ୍ୱାସର ବାୟୁ
ତୁମେ ପାଖରେ ଥିଲେ ଜୀଇଁବି
ଆଉ ବିନା ତୁମରି ,ତରିଯିବି ଏ ସଂସାରୁ
ମଉଳିଯିବି ତୁମ ଅଙ୍ଗର ଛଡାଫୁଲ ହୋଇ
ଲିଭିଯିବି ଅର୍ଦ୍ଧଦଗ୍ଧ ସଳିତାଟିଏ ପରି
ପାଇଯିବି ନିର୍ବାଣ / ଭଜିବି ମୋକ୍ଷର ଗାୟତ୍ରୀ
ସମର୍ପିବି ନିଜକୁ ତବ ଶ୍ରୀପୟରେ ?

ଓ.ପ୍ର.ସେ-୧ ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି
ମୋ:- ୮୧୪୪୪୧୦୫୭୯

## ସାଲିସ

### ତରୁଣ କୁମାର ଦାସ





ସବୁଠି ଅଖୋଜା ଅଲୋଡ଼ା
ଆଜି ମୋର
ଜୀର୍ଣ୍ଣକାୟ ହୋଇଯାଇଛି
ମୋର ସମଗ୍ର ସହର
ଶିକୁଳିରେ ଛନ୍ଦିଛି
ଆଶାର ମାନଚିତ୍ର
ଯିମିତି ହଉ ବଂଚିବା ନିଶାରେ
ମସଗୁଲ ମଣିଷ
ନିଜକୁ ନିଜ ଠି
ଅସହାୟ ମଣୁଛି
ନା ଅଛି ଭଲପାଇବାର ମୂଲ
ନା ଅଛି ସମ୍ପର୍କର ଶୃଙ୍ଖଳ !
ଘର ଭିତରେ ପୁଙ୍ଗୁଳା ନାରୀର ଦେହ
ସଦ୍ୟ କଟା ଛେଳି ପରି ଛଟ ପଟ
ଜିଅନ୍ତା କୋହ
କାହାକୁ କହିବା ମନା
ପ୍ରତିବାଦ କରିବା ମନା
ଯେଉଁଠି ଦେଖ ଖାଲି
ଅସତ ଲୋକଙ୍କ ଭିଡ଼
ଭୁରି ଭୁରି ପଚା ମାଛର ଗନ୍ଧ
ମିଥ୍ୟାର ହୁଙ୍କାର ଶୁଭୁଚି
ଘରଠୁ ନଗର
ଖାଲି ଦେଇଯାଅ
ତୁମ ସବୁ ସୁଖ ସବୁ ଆଶା

ସବୁ ସମ୍ପର୍କ ସବୁ ସ୍ୱପ୍ନ
କେବେବି ନବ ବୋଲି କହିବନି
ସେଇଠୁ ଆରମ୍ଭ ହବ ମହାଭାରତ
ଅସତ୍ୟର ଅନ୍ଧାରରେ ରହିଯିବ
ବିମର୍ଷ ସତ୍ୟ
ବୁଝି ପାରେନି କାହିଁକି କେଜାଣି
ସବୁ ଜାଣି ଚୁପ ଚାପ
କାହିଁକିବା ପ୍ରତିବାଦର ଭାଷା ମିଳେନା
ନିଷ୍ଫଳ ହେଲେବି ହାଡ଼ ମାଂସର ଶରୀର
ତଥାପି ଭାଷାହୀନ ଓଠ
କିଛି କହିବାକୁ ସଦା ଉଦ୍ୟତ
ତ୍ରିଶଙ୍କୁ ବତ୍ ପାଲଟିଯାଇଛି
ମୋର ପାଦ ତଳର ମାଟି
ବୁଝିପାରୁନି ଏଇଟା କଣ ସତରେ
ସାଲିସ କରି ନବାର ବେଳ
ନା ଆଉ କିଛି ।

+ ମୁକ୍ତାନିଳୟ, ପାଲୁସିଆ
ବାଲେଶ୍ୱର- ୩୬



## ମନରେ ରାଣୀ..

### ମୋନାଲିସା ସାହୁ

ମୁଁ କି ତୁମର ସେ ମୋନାଲିସା
ଯାହା ଲାଗି ଏ ବର୍ଷା କରେ ଈର୍ଷା,
କହିଦେଇ ଯାଅ ଥରେ
ଭାଙ୍ଗି ତୁମ ନୀରବତା ।
ମୁଁ କି ତୁମର ସେ ମନର ମଇନା
ଯାହା ଲାଗି ମନେ ତୁମ
ଭରା ମିଠା ଭାବନା,
ଶୁଣି ଦେଇ ଯାଅ ଥରେ
ତୁମ ନାମେ ଲାଗେ ଏ ମନେ ନିଆଁ ।
ମୁଁ କି ତୁମର ସେ ଚିତ୍ରଲେଖା
ଯାହା ପାଇଁ ଲେଖ ତୁମେ ପ୍ରେମ କବିତା,
ମିଠା ମିଠା ସ୍ୱପ୍ନ ନେଇ
କରୁଅଛି ଯାହା ପ୍ରତୀକ୍ଷା ।
ମୁଁ କି ତୁମର ସେ ଅକୁହା କାହାଣୀ
ଯାହା କହିଯାଏ ତୁମ ପ୍ରେମ ଚାହାଣୀ,
ହାତ ଧରି ନେଇ ଯାଅ ଥରେ
କରି ତୁମ ମନର ରାଣୀ ।

ଜୁନାଗଡ,କଳାହାଣ୍ଡି

## ବଳକା ବାଟ

### ଆନନ୍ଦ କୁମାର ମାଇତି





ଏ ସତ୍ୟକୁ କେହି ଅସ୍ୱୀକାର
କରିପାରିବେନି ଯେ
ଆଖି ବୁଜିଲେ ରାତି, କାଳ ପୂରିଲେ ରାତି
ରାତି ବି ଢେର୍ ସୁଖ ସଦା ରଖେ ସାଇତି।

ଏବେ ତ ରାତି ଲଂଘି ବାକୁ ପଡ଼ିବ
ଯେଉଁ ରାତିର ଆୟୁଷ ଢୋକେ ନିଶ୍ୱାସ ପ୍ରମାଣ
ହସ ଲୁହ ପରେ,ଉନ୍ମ ଯୌବନ ପରେ,।
ଏଇ ବଳକା ସଭିଙ୍କ
ତମାମ ପୂର୍ବାହ୍ନ ଜୀବନର
ଯେତେ ବିଭାଜନର ଦାଗ
ଯେତେ କଟା ଘା
ଲୋତକ ସୁଅରେ ଆସନ୍ନ ହିମ ବତାସ
ପାହାନ୍ତିଆ ବେଳକୁ ନିସ୍ତେଜ
ହୋଇ ଉଠୁଥିବା ଆଉ
ଅଗଣନ ମୂକ ପାଲଟି ଆସୁଥିବା
ରାତିର ଗୁମୁର ନିଶ୍ୱାସ।
ସବୁ ଉତ୍ତେଜନା ମଉଳି ଆସୁଥିବ
କଷ ଲଗା ସଫେଦ ଆରାମୀୟା ଶେଯ ପିଠିରୁ।

ରାତି ପଛରେ ଥିବ
ଆକାଶ ଜଳି ଉଠିବ ଲାଲ ହୋଇ
ପତ୍ର ଝାଡ଼ ମୁଣ୍ଡ ହଲେଇ
ଚାଲିବ ମେଘ ମିମ୍ବରରେ
ଅତୀତ ଜ୍ଞାନ ଉତ୍କୀର୍ଣ୍ଣ ହୋଇ
ପୁଣି ଭିତରେ ଲୋଡ଼ିବେ
ରାତି ଆଉ କେତେବେଳେ ?

ଏରସମା, ଜଗତସିଂହପୁର

## ତୁ ଆସିଲୁ

### ବିଜୟଲକ୍ଷ୍ମୀ ପାଣିଗ୍ରାହି





ତୁ ଆସିଲୁ
ଗଛକୁ ଛୁଇଁଲୁ
ଫୁଟିଲା କଦମ୍ବ
ଉଚ୍ଛୁଳିଲା ନଈ
ସାତସ୍ୱର ଛନ୍ଦା
ଛମ ଛମ ପାଉଁଜି ସୁରରେ
ଭରିଗଲା ମନ ।

ତୁ ଆସିଲୁ
ଓଠକୁ ଚୁମିଗଲୁ
ମେଣ୍ଟିଗଲା ଶୋଷ
କୋହଲା ସ୍ପର୍ଶରେ ତୋ
ଦେହସାରା ଓଦଳିଆ
ଭିଜା ଭିଜା ମନ ଉପବନ।

ତୁ ଆସିଲୁ
ଦେହକୁ ଛୁଇଁଲୁ
ଥରିଗଲା ସର୍ବାଙ୍ଗ ମୋର
ମିଠା ମିଠା ମହକରେ
ପ୍ରେମ ସାଗରରେ
ଉଚ୍ଛୁଳିଲା ଯଉବନ।

ତୁ ଆସିଲୁ
ଲୁଚେଇଦେଲୁ ପଣତ ତଳେ
ନିଖୋଜ ମୋ ଠିକଣା
ତୋ କୁହୁକ ଛୁଆଁରେ
ମୁଁ ସଂଜ୍ଞାହୀନ
ତୁ ଏକ ମଧୁର ଯନ୍ତ୍ରଣା।

+ ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଆସୁଛି ଗୁଣ୍ଡିଚା ଯାତ

### ସୁଶାନ୍ତ ରଣା

ପାଖେଇ ଆସୁଛି ଶ୍ରୀଗୁଣ୍ଡିଚା ଯାତ
ଯିବାକୁ ମନ ଅଧୀର
ଜଗା ଡୋରି ହେଲେ ଯାତ ମୁଁ ଦେଖିବି
ରଥରେ ତିନି ଠାକୁର ।

ବଡ଼ ଦେଉଳରେ ବଡ଼ ସେ ଠାକୁର
ବଡ ବଡ ଆଖି ତାର
ସେ ଆଖିରେ ଦେଖେ ବିଶ୍ୱ ବ୍ରହ୍ମାଣ୍ଡ
ମହିମା ତାର ଅପାର ।

ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ତାର
ପୁରୀ ବଡ଼ ଦାଣ୍ଡେ ହୁଏ
ଭକ୍ତଙ୍କୁ ଦେଖିବା ପାଇଁ ଭଗବାନ
ବାହାରି ଆସନ୍ତି ସିଏ ।

ଦେଶ ବିଦେଶରୁ ଭକତ ଆସନ୍ତି
କରି ଜଗନ୍ନାଥ ଗାନ
ଭକ୍ତ ଭଗବାନ ହେବେ କୋଳା କୋଳି
ପବିତ୍ର ମହା ମିଳନ ।

+ 'ମସୀହା' ପ୍ରତିନିଧି
ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

# ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ: ମହାରାଷ୍ଟ୍ର ଯିବେ ୨୫ ଓଡ଼ିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ମହାରାଷ୍ଟ୍ର ଏବଂ ଓଡ଼ିଶା ଏହି କାର୍ଯ୍ୟକ୍ରମ ଅଧୀନରେ ସହଯୋଗୀ ରାଜ୍ୟ ଭାବେ ପରସ୍ପର ସହ ସମ୍ପର୍କ ସ୍ଥାପନ କରୁଛନ୍ତି । ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଗୁଣୁପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀ ୨ ଜଣ ଶିକ୍ଷକ ମହାରାଷ୍ଟ୍ର ଗସ୍ତ କରିବେ । ସେମାନଙ୍କୁ ମୁମ୍ବାଇର ଠାକୁର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ପକ୍ଷରୁ ଆତିଥେୟ ପ୍ରଦାନ କରାଯିବ । ଏହି ଛାତ୍ର ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆପୋସ ସମ୍ପର୍କ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ପରସ୍ପରର ଜୀବନଶୈଳୀ, ସଂସ୍କୃତି ପରମ୍ପରା, ଶିକ୍ଷା ପଦ୍ଧତି ଆଦି ବିଷୟରେ ମତବିନିମୟ କରିବା ଲାଗି ସେମାନଙ୍କୁ ସୁଯୋଗ ମିଳିବ । ଚଳିତ ବର୍ଷ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମରେ ମୋଟ ୭୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଯୋଗ୍ୟ ଯେ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାର ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୩୧ ଅକ୍ଟୋବର, ୨୦୧୫ରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୦ତମ ଜୟନ୍ତୀ ଅବସରରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଘୋଷଣା କରିଥିଲେ । ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ଅବଧାରଣା ମାଧ୍ୟମରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ବଢ଼ାଇବା ଲାଗି ଦେଶବ୍ୟାପୀ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ବିଭିନ୍ନ ରାଜ୍ୟ ମଧ୍ୟରେ ରହିଥିବା ଐତିହାସିକ, ସାଂସ୍କୃତିକ ସମ୍ପର୍କକୁ ଉଜାଗର କରିବା ଲାଗି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରାଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଭାଷା ଶିଖିବା, ସଂସ୍କୃତି, ପରମ୍ପରା, ସଂଗୀତ, ପର୍ଯ୍ୟଟନ, ଖାଦ୍ୟପେୟ, କ୍ରୀଡ଼ା ଏବଂ ସର୍ବୋତ୍ତମ ପଦ୍ଧତିକୁ ବାଂଟିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରୋତ୍ସାହନ ଦିଆଯାଉଛି ।

# ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ: କଂଗ୍ରେସ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଦେଶର ସେନାବାହିନୀକୁ ଯୋଜନାବଦ୍ଧ ଭାବେ ଦୁର୍ବଳ କରିବାକୁ ମୋଦୀ ସରକାରଙ୍କ ପ୍ରଚେଷ୍ଟାକୁ କଦାପି ବରଦାସ୍ତ କରାଯିବନି ବୋଲି ଭାରତୀୟ ଜାତୀୟ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ସଚିନ୍ ସାୱନ୍ତ କହିଛନ୍ତି । ରବିବାର ଦିନ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାୱନ୍ତ କହିଛନ୍ତି ଯେ ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ଧୋକା ଏବଂ ବିଶ୍ୱାସଘାତ ସଦୃଶ । ଭାରତ ଭଳି ଦେଶ ଆଜି ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଥିବା ବେଳେ ସେନାବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଦେଶର ଏକ କୋଟିରୁ ଉର୍ଦ୍ଧ୍ୱ ଯୁବକ ଆଜି ମୋଦୀ ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁଁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି । ସରକାରଙ୍କ ମନଇଚ୍ଛା ନିଷ୍ପତ୍ତି ଯୋଗୁଁ ଦେଶ ଜିଏସ୍‌ଟି, ନୋଟ୍‌ବନ୍ଦୀ, ଜମି ଅଧିଗ୍ରହଣ ବିଲ୍, କୃଷି କାନୁନ୍ ଭଳି କାହା ସହିତ ଆଲୋଚନା ନକରି ଅଗ୍ନିପଥ ପରି ଏକ ଦିଶାହୀନ ଯୋଜନାକୁ ଲାଗୁ କରାଯିବାର ଏକପାଖିଆ ନିଷ୍ପତ୍ତି । ଏ ଦେଶର ସମଗ୍ର ଯୁବସମାଜର ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଶ୍ରୀ ସାୱନ୍ତ ଦାବି କରିଛନ୍ତି । ସେହିପରି ପୂର୍ବରୁ ସେନାବାହିନୀରେ ପ୍ରତ୍ୟେକ ବର୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ସ୍ଥାୟୀ ଚାକିରି ପାଇଁ ନିଯୁକ୍ତି ଦିଆଯାଉଥିବା ବେଳେ ମୋଦୀ ସରକାରଙ୍କ ସମୟରେ ତାହା କମି କମି ୨୦୧୮ ମସିହା ସୁଦ୍ଧା ୫୦ ହଜାରକୁ ଖସି ଆସିଥିଲା । କରୋନା ଯୋଗୁଁ ବିଗତ ଦୁଇ ବର୍ଷ ଧରି ସେନାରେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ ଭାବେ ବନ୍ଦ ଥିଲା । ଏ ବର୍ଷ ଅତି କମରେ ୧.୫ ଲକ୍ଷ ଚାକିରି ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରିବର୍ତ୍ତେ ମାତ୍ର ୪୬ ହଜାର ନିଯୁକ୍ତି ଦିଆଯିବ । ତାହା ପୁଣି ଦେଶର ସେନାବାହିନୀରେ ଠିକାରେ ମାତ୍ର ୪ ବର୍ଷ ପାଇଁ କାର୍ଯ୍ୟ କରିବାର ପ୍ରକ୍ରିୟାକୁ ସମଗ୍ର ଯୁବ ସମାଜର ବିରୋଧକୁ କଂଗ୍ରେସ ନୈତିକ ଭାବରେ ସମର୍ଥନ କରୁଛି ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗ୍ନିପଥ ଯୋଜନାକୁ ମୋଦି ତୁରନ୍ତ ପ୍ରତ୍ୟାହାର କରନ୍ତୁ: ସଚିନ ସାୱନ୍ତ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଦେଶର ସେନାବାହିନିକୁ ଯୋଜନାବଦ୍ଧ ଭାବରେ ଦୁର୍ବଳ କରିବାର ମୋଦି ସରକାରଙ୍କ ପ୍ରଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ । ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧକାରଗର୍ଭକୁ ଠେଲି ଦେବାର ଅପଚେଷ୍ଟା ବିରୋଧରେ ଆଜି ପ୍ରଦେଶ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ସଚିନ ସାୱନ୍ତ, ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଓ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକଙ୍କ ଉପସ୍ଥିତିରେ କଠୋର ସମାଲୋଚନା କରିଥିଲେ । ସେ କହିଥିଲେ ଯେ ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ଧୋକା ଏବଂ ବିଶ୍ୱାସଘାତ ସଦୃଶ । ଭାରତଭଳି ଦେଶ ଆଜି ୫୦ ବର୍ଷର ରେକର୍ଡ ତୋଡ ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଥିବା ବେଳେ, ସେନାବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଏ ଦେଶର ଏକ କୋଟିରୁ ଉର୍ଦ୍ଧ୍ୱ ଯୁବକ ଆଜି ମୋଦି ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି । ତୁଗଲକି ଢ଼ାଂଚାରେ ଚାଲିଥିବା ସରକାରଙ୍କ ମନଇଚ୍ଛା ନିଷ୍ପତି ଯୋଗୁ ଦେଶ ଜିଏଷ୍ଟି, ନୋଟବନ୍ଦି, ଜମି ଅଧିଗ୍ରହଣ ବିଲ, କୃଷି କାନୁନ ଭଳି କାହା ସହିତ ଆଲୋଚନା ନକରି ଅଗ୍ନିପଥ ପରି ଏକ ଦିଶାହୀନ ଯୋଜନାକୁ ଲାଗୁ କରାଯିବାର ଏକପାଖିଆ ନିଷ୍ପତି ତଥା ଏ ଦେଶର ସମଗ୍ର ଯୁବସମାଜର ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ସେ ଦାବି କରିଥିଲେ । ପୂର୍ବରୁ ସେନାବାହିନୀରେ ପ୍ରତ୍ୟେକ ବର୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ସ୍ଥାୟୀ ଚାକିରି ପାଇଁ ନିଯୁକ୍ତି ଦିଆଯାଉଥିବା ବେଳେ ମୋଦି ସରକାରଙ୍କ ସମୟରେ ତାହା କମି କମି ୨୦୧୮ ମସିହା ସୁଦ୍ଧା ୫୦ ହଜାରକୁ ଖସିଆସିଥିଲା । କରୋନା ଯୋଗୁ ବିଗତ ଦୁଇ ବର୍ଷ ଧରି ସେନାରେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ ଭାବରେ ବନ୍ଦ ଥିଲା । ଏ ବର୍ଷ ଅତି କମରେ ୧.୫ ଲକ୍ଷ ଚାକିରି ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରିବର୍ତ୍ତେ ମାତ୍ର ୪୬ ହଜାର ନିଯୁକ୍ତି, ସେ ପୁଣି ଦେଶର ସେନାବାହିନୀରେ ଠିକାରେ ମାତ୍ର ୪ ବର୍ଷ ପାଇଁ କାର୍ଯ୍ୟ କରିବାର ପ୍ରକ୍ରିୟାକୁ ସମଗ୍ର ଯୁବ ସମାଜର ବିରୋଧକୁ କଂଗ୍ରେସ ନୈତିକ ଭାବରେ ସମର୍ଥନ କରୁଛି । ପୂର୍ବତନ ସିଡିଏସ ମୁଖ୍ୟ ଜେନେରାଲ ବିପିନ୍ ରାୱତ ଏକ ସାକ୍ଷାତକାରରେ ସେନାରେ କାର୍ଯ୍ୟକରୁଥିବା ଯବାନ ମାନଙ୍କର ଅବସର ନେବାର ବୟସସୀମା ୫୮ ବର୍ଷକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଥିଲେ । ଆଜି ଦେଶରେ ୬୨ଲକ୍ଷ ୨୯ ହଜାର ସରକାରୀ ପୋଷ୍ଟ ଖାଲି ପଡ଼ିଛି ଏବଂ ସେଥିମଧ୍ୟରୁ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଚାକିରି କେବଳ କେନ୍ଦ୍ର ସରକାରଙ୍କ ଅଧିନରେ ଆସୁଅଛି । ଦେଶର ସେନାବାହିନୀରେ ୨ଲକ୍ଷ ୫୫ ହଜାର ପୋଷ୍ଟ ଖାଲି ଅଛି ଏବଂ ପ୍ରତ୍ୟେକ ବର୍ଷ ୫୫ ହଜାର ସେନା କର୍ମଚାରୀ ଅବସର ଗ୍ରହଣ କରନ୍ତି । ଅଗ୍ନିପଥ ଯୋଜନା ମାଧ୍ୟମରେ ୪ବର୍ଷିଆ ଠିକା ନିଯୁକ୍ତିରେ ଜଣେ ଯୁବକକୁ ତାର ଯୌବନ ଅବସ୍ଥାରେ ଚାକିରିରୁ ଅବସର ନେଇ ପୂର୍ବତନ କର୍ମଚାରି ହେବାର ଅଦ୍ଭୁତ ପୂର୍ବ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ଆଜି ଦେଶର ସେନା କର୍ମଚାରୀଙ୍କର ହାରାହାରି ବୟସ ୩୦ବର୍ଷ ହୋଇଥିବା ବେଳେ ୪ ବର୍ଷ କାର୍ଯ୍ୟପରେ ଅବସର ନେବା କାହା ସ୍ୱାର୍ଥରେ । ସାଧାରଣ ଭାବରେ ଜଣେ ସୈନିକ ଅତି କମ୍‌ରେ ୯ ମାସର ବେସିକ୍ ଟ୍ରେନିଂ ଏବଂ ପରବର୍ତ୍ତୀ ଅବସ୍ଥାରେ ନିଜର ବିଭାଗ ଅନୁଯାୟୀ ସ୍ପେଷାଲ ଟ୍ରେନିଂ ନେଇଥାନ୍ତି । ଯାହାକି ୪ବର୍ଷ ଜାଏ ଚାଲିଥାଏ ଅର୍ଥାତ ଜଣେ ସୈନିକ ତିଆରି କରିବାପାଇଁ ଅତି କମ୍‌ରେ ୪ବର୍ଷର ପ୍ରଶିକ୍ଷଣ ନିହାତି ଆବଶ୍ୟକ ପଡୁଥିବା ବେଳେ ବର୍ତ୍ତମାନ ଅଗ୍ନିବୀର ମାନଙ୍କ ପାଇଁ ମାତ୍ର ୬ ମାସର ଟ୍ରେନିଂ ଫଳପ୍ରଦ ସାବ୍ୟସ୍ତ ହେବାକୁ ନେଇ ଦେଶର ଅନେକ ପୂର୍ବତନ ସେନାକର୍ମଚାରି ସଂଦେହ ପ୍ରକାଶ କରିଛନ୍ତି । ଜଣେ ଅଗ୍ନିବୀର ୪ ବର୍ଷର ଚାକିରି ଭିତରେ ୬ମାସ ପ୍ରଶିକ୍ଷଣ ଏବଂ ୪ ମାସ ଛୁଟି ନେବାପରେ ମାତ୍ର ୩ବର୍ଷ ୨ମାସ ମଧ୍ୟରେ ନିଜକୁ କିଭଳି ଦେଶରକ୍ଷା ପାଇଁ ପ୍ରସ୍ତୁତ ରଖିପାରିବ ସେ ନେଇ ଆଜି ଦେଶର ପୂର୍ବତନ ସେନାଧିକାରୀ ସନ୍ଦିହାନ । ପୂର୍ବରୁ ଆବେଦନ କରିଥିବା ଏବଂ ସବୁ ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ସେନାରେ ଯୋଗଦାନ ପାଇଁ ଅପେକ୍ଷାରତ ଯୁବକମାନଙ୍କୁ ମୋଦି ସରକାରଙ୍କ ଏ ନିଷ୍ପତି ସଂପୂର୍ଣ୍ଣ ଭାବରେ ହତାଶ କରିଛି । କାରଣ ବର୍ତ୍ତମାନ କେବଳ ଅଗ୍ନିପଥ ମାଧ୍ୟମରେ ହିଁ ସେନାରେ ଭର୍ତ୍ତି ପ୍ରକ୍ରିୟା ହେବ ଅର୍ଥାତ ପୂର୍ବର ସବୁ ଆବେଦନ ଖାରଜ କରାଗଲା । ଏ କଥା ଦେଶର ୩ ସେନାର ବରିଷ୍ଠ ଅଧିକାରୀମାନେ ଗଣମାଧ୍ୟମ ସାମନାରେ ସ୍ପଷ୍ଟ କରିଛନ୍ତି ।

# ସାହିତ୍ୟର ସଂପ୍ରସାରଣ ପାଇଁ ଅନୁବାଦ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଅନୁବାଦ ଜରିଆରେ ଭାରତୀୟ ସାହିତ୍ୟରେ ସଂପର୍କ କ୍ରିୟାଶୀଳ ହେଉଛି । ସାହିତ୍ୟିକ ପରିବେଶ ନିର୍ମାଣରେ ଅନୁବାଦ ସେତୁ ଭାବେ କାର୍ଯ୍ୟ କରୁଛି । ସୁତରାଂ, ଓଡ଼ିଆ ସାହିତ୍ୟକୃତିଗୁଡ଼ିକର ବ୍ୟାପକ ଅନୁବାଦ ହେବା ଆବଶ୍ୟକ । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଲୋଚକମାନେ ସାହିତ୍ୟର ପାଠକୀୟ ସଂପ୍ରସାରଣ ପାଇଁ ଅନୁବାଦ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି ।

ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବିଶିଷ୍ଟ ଅନୁବାଦକ ଶ୍ରୀ କ୍ଷୀରୋଦ ପରିଡ଼ାଙ୍କ ସହ କଥାବାର୍ତ୍ତାରେ ମିଳିତ ହୋଇଥିଲେ ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକ । ଶ୍ରୀ ପରିଡ଼ା ଅନୁବାଦରେ ତାଙ୍କର ଅଭିଜ୍ଞତା, ଓଡ଼ିଆ ସାହିତ୍ୟରେ ଅନୁବାଦର ସ୍ଥିତି ଓ ଭବିଷ୍ୟତ ଉପରେ ମତାମତ ରଖିଥିଲେ । ସରୋଜ ବଳ, ଡ. ପ୍ରଦୀପ୍ତ ବାରିକ ଓ ପବିତ୍ର ମୋହନ କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

'ଏ ମାସର କଥାକାର' ଭାବରେ ଯୋଗଦେଇ ଚିନ୍ମୟୀ ପଣ୍ଡା ସ୍ୱରଚିତ ଗଳ୍ପ ପାଠ କରିଥିବାବେଳେ ଡ. ଅଭୟ ନାରାୟଣ ନାୟକ ଓ ଇତିଶ୍ରୀ ପତିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅମୀୟ କୁମାର ସାହୁ, ମିନତୀ ମିଶ୍ର, ଡ. ସ୍ୱପ୍ନା ମିଶ୍ର, ଶାକ୍ୟସିଂହ ମହାପାତ୍ର, ସୀତେଶ ତ୍ରିପାଠୀ, ଦେବେନ୍ଦ୍ର କୁମାର ବାଉରୀ, ଶୈଳେନ୍ଦ୍ର ଜେନା, ବିଧୁଭୂଷଣ ତ୍ରିପାଠୀ, ଅଲେଖ ନନ୍ଦୀ, ସୁମିତ୍ରା ବେହେରା, ମନମୋହନ ମିଶ୍ର, ସଞ୍ଜୁଲତା ମହାନ୍ତି, ପୀତାମ୍ବର ଭୋଇ, ବିରଂଚି ଶତପଥୀ, ଡ. ନନ୍ଦକିଶୋର ବିଶ୍ୱାଳ, ମିହିରକାନ୍ତି ଦାସ, ସବିତା ଶତପଥୀ, ସୁସ୍ମିତା ଶତପଥୀ, ଡ. ବାସନ୍ତୀ ମହାନ୍ତି ଓ ସ୍ୱର୍ଣ୍ଣଲତା ମହାପାତ୍ର ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ଥିବା ୨୦୫ଟି ଡ୍ୟାମ୍‌ରେ ମିଳିବ ଆମୋଦପ୍ରମୋଦ ସୁବିଧା


ଭୁବନେଶ୍ୱର,୨୭/୦୬ (ନି.ପ୍ର): ରାଜ୍ୟରେ ଥିବା ୨୦୫ଟି ବଡ଼ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କୁ ସୁଇମିଂ, ବୋଟିଂ, ଫିସିଂ, ଡାଇଭିଂ, ପକ୍ଷୀ ଦେଖିବାର ସୁଯୋଗ ମିଳିବ । ଏଥିପାଇଁ ଜଳସମ୍ପଦ ବିଭାଗ ଏକ ଏସ୍‌ଓପି ପ୍ରସ୍ତୁତ କରିଛି । ଡ୍ୟାମ୍‌ଗୁଡ଼ିକ ସୁରକ୍ଷିତ ରଖିବା ସହ ଜିରୋ କାଜୁଆଲଟିକୁ ନଜରରେ ରଖି ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି । ଏବେ କିଛି ଡ୍ୟାମ୍‌ରେ ଏହି ଯୋଜନା ଆରମ୍ଭ ହେବାକୁ ଥିବାବେଳେ ଆଗାମୀ ଦିନରେ ସମସ୍ତ ୨୦୫ଟି ଡ୍ୟାମ୍‌ରେ ଏହିଭଳି ସୁବିଧା ଯୋଗାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ହେଲେ ଜଳକ୍ରୀଡ଼ା ବେଳେ କିମ୍ବା ଉକ୍ତ ସ୍ଥାନରେ କୌଣସି ଦୁର୍ଘଟଣା ହେଲେ ଜଳସମ୍ପଦ ବିଭାଗ ଦାୟୀ ରହିବନି ବୋଲି କହିଛି । ଯଦି ଜଳସମମ୍ପଦ ବିଭାଗ ଦାୟୀ ରହିବନି, କୌଣସି ଅଘଟଣ ଘଟିଲେ କିଛି କ୍ଷତିପୂରଣ ଦେବନି ତେବେ ଜଳସମ୍ପଦ ବିଭାଗ କାହିଁକି ଏହି ଯୋଜନା କରୁଛି ବୋଲି ପ୍ରଶ୍ନ ଉଠିଲାଣି । ଡ୍ୟାମ୍ ନିକଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି କି କି ପଦକ୍ଷେପ ନିଆଯାଇପାରିବ ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ଏସ୍ ?ଓପିରେ କୁହାଯାଇଛି । ପର୍ଯ୍ୟଟକ ଓ ଡ୍ୟାମ୍‌ର ସୁରକ୍ଷା ଦୃଷ୍ଟିରୁ ଜଳକ୍ରୀଡ଼ା ସମେତ ସମସ୍ତ ଆମୋଦ ପ୍ରମୋଦ ଭିତ୍ତିଭୂମି ଡ୍ୟାମ୍‌ର ତଳମୁଣ୍ଡରେ ୨୦୦ ମିଟର ପୂର୍ବରୁ କରିବାକୁ କୁହାଯାଇଛି । ଡ୍ୟାମର ୧୦ମିଟର ଗଭୀରତା କିମ୍ବା ୧୦୦ମିଟର ଦୂରତା ଯେଉଁଟି ଅଧିକ ଥିବ ସେଠାରେ ବୋଟିଂ, ସୁଇମିଂ, ଫିସିଂ, ପକ୍ଷୀ ଦେଖିବାକୁ ପର୍ଯ୍ୟଟକଙ୍କୁ ଛଡ଼ାଯିବନି । ଡ୍ୟାମର ଉପର ପାର୍ଶ୍ୱରେ କୌଣସି ସ୍ଥାୟୀ କି ଅସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ ହେବନି । ଡ୍ୟାମ୍‌ର ଉପରମୁଣ୍ଡ ରାସ୍ତାକୁ ପର୍ଯ୍ୟଟକଙ୍କ ଯାତାୟତ ପାଇଁ ବ୍ୟବହାର କରାଯିବନି । ଏହାକୁ ନଜରରେ ରଖି ପାର୍କିଂ ଅଞ୍ଚଳ ନିର୍ମାଣ କରିବାକୁ କୁହାଯାଇଛି । ଜଳଜୀବମାନେ ଯେପରି ପ୍ରଭାବିତ ହେବେନି ସେଥିପାଇଁ ୬୦ଡେସିବେଲ୍‌ରୁ କମ୍ ଶବ୍ଦ କରୁଥିବା ପାୱାର ବୋଟ୍ ବ୍ୟବହାର କରାଯିବ, ସମସ୍ତ କଠିନ ବର୍ଜ୍ୟବସ୍ତୁ ଯେପରି ବ୍ୟବସ୍ଥିତ ଢଙ୍ଗରେ ସଂଗ୍ରହ ହେବ ସେଥିପାଇଁ ପର୍ଯ୍ୟାପ୍ତ ଡଷ୍ଟବିନ୍ ରହିବ, ତରଳ ବର୍ଜ୍ୟବସ୍ତୁକୁ ବିଶୋଧନ କରି ଛାଡ଼ିବାକୁ କୁହାଯାଇଛି । ବନ୍ୟା, ଡ୍ୟାମ୍‌ରେ ପାଣି ଛାଡୁଥିବାବେଳେ କି ପାଗ ଭଲ ନଥିଲେ ଡ୍ୟାମ୍‌ରେ କୌଣସି ପ୍ରକାରର ଜଳକ୍ରୀଡ଼ା କରାଯିବନି । ଜଳଭଣ୍ଡାର, ଜଳସେଚନ ବ୍ୟବସ୍ଥା, ଡ୍ୟାମ୍‌ର ସୁରକ୍ଷା ଉପରେ ଆଞ୍ଚ ଆସିଲା ଭଳି କୌଣସି ପର୍ଯ୍ୟଟନ ଭିତ୍ତିଭୂମି ହେବନି । ଜାତୀୟ ଓ ରାଜ୍ୟସ୍ତରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ପର୍ଯ୍ୟଟନ କାର୍ଯ୍ୟକଳାପ ନିୟମାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ କରିବାକୁ କୁହାଯାଇଛି । ଏଠାରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ସୁଯୋଗ ରହିବ ।

# ରାଜ୍ୟସ୍ତରୀୟ ତାଇକୋଣ୍ଡୋ ରେଫରୀ କର୍ମଶାଳା

ଭୁବନେଶ୍ୱର,୨୭/୦୬ (ନି.ପ୍ର): କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସଠାରେ ୨୫ ଓ ୨୬ ଦୁଇ ଦିନ ଧରି ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ ଏବଂ ଓଡ଼ିଶା ତାଇକୋଣ୍ଡୋ ଟ୍ରେନିଂ ସେଣ୍ଟର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରେଫରୀ କୋର୍ସ ଓ ରିଫ୍ରେସର କୋର୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଅନ୍ତର୍ଜାତୀୟ ତାଇକୋଣ୍ଡୋ ଗ୍ରାଣ୍ଡ ମାଷ୍ଟର କ୍ଲାସ ୱାନ ରେଫରୀ ତଥା ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍ ସମ୍ପାଦକ ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତ ଯୋଗ ଦେଇ ତାଇକୋଣ୍ଡୋ ଖେଳର ନୂତନ ନିୟମ ଓ ପ୍ରତିଯୋଗିତାର ପରିଚାଳନାର ନିୟମଗୁଡିକ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ । ଏହି କ୍ରୀଡ଼ାବିତମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାର ବିଚାରକଭାବେ ଅଂଶ ଗ୍ରହଣ କରିପାରିବେ । ଏହି କାର୍ମଶାଳାରେ ଯୋଗ ଦେଇଥିବା ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତମାନେ ହେଲେ ଲିଙ୍ଗରାଜ ପୃଷ୍ଟି, ଚନ୍ଦନ ସାହୁ, ପ୍ରଦୀପ କୁମାର କାଣ୍ଡି, ନିର୍ମଳ ଚନ୍ଦ୍ର ନାୟକ, ରଞ୍ଜିତ ବେହେରା, ସ୍ୱସ୍ତିକ କାନୁନଗୋ, ପ୍ରଫୁଲ୍ଲ ମାସନ୍ତ, ଟଙ୍କଧର ନାୟକ, ମନୋଜ ପାତ୍ର, ମାନସ ରଞ୍ଜନ ବାରିକ, ଦିଗବିଜୟ ବେହେରା, ବିଶ୍ୱରୂପା ପାତ୍ର,ସ୍ମୃତିଲଗ୍ନା ନାୟକ, ସତ୍ୟବାନ ମହାପାତ୍ର, ସ୍ଥିତିପ୍ରଜ୍ଞା ଗିରି, ପ୍ରଦୀପ ପାତ୍ର, ଅମ୍ବିତ ହଂସଦା, ଜିତେନ୍ଦ୍ର ଓରାମ ଏବଂ କୃଷ୍ଣଚନ୍ଦ୍ର ଓରାମ ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୯ କରୋନା ପଜିଟିଭ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଗତକାଲି ୬୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୧୦ଟି ଜିଲ୍ଲାରୁ ୬୯ ଜଣ କରୋନା ପଜିଟିଭ



ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୦ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୫ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୧୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୧ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁର ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୬ ଜଣ, ପୁରୀ ଜିଲ୍ଲାରୁ ୨ ଜଣ, ସମ୍ବଲପୁର ଜିଲ୍ଲାରୁ ୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୮ ଜଣ ଓ ଷ୍ଟେଟପୁଲରୁ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୯, ୩୨୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୯, ୬୯୩ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୪୫୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସ୍କୁଲ ଶିକ୍ଷା ଭାରତୀୟ ଜ୍ଞାନକୌଶଳଭିତ୍ତିକ ହେବ



ଭୁବନେଶ୍ୱର,୨୭/୦୬ (ନି.ପ୍ର): ୨୦୩୦ ସୁଦ୍ଧା ସାରା ଦେଶରେ ନୂଆ ଶିକ୍ଷା ନୀତି ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେଦିଗରେ ବିଭିନ୍ନ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ନେଇ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନ୍‌ସିଇଆରଟି) ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି କହିଛନ୍ତି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଆଇଇ) ଗସ୍ତ ସମୟରେ ପ୍ରଫେସର ସକଲାନି କହିଲେ ନୂତନ ଶିକ୍ଷା ନୀତିରେ ସ୍କୁଲ ଶିକ୍ଷା ଭାରତୀୟ ଜ୍ଞାନ କୌଶଳ ଉପରେ ଆଧାରିତ ହେବ । ନିର୍ଦ୍ଧାରିତ ସମୟ ଭିତରେ ହିଁ ଏହି ନୂଆ ନୀତି ଲାଗୁ କରାଯିବ । ଯେଉଁଥିରେ ଧନ୍ଦାମୂଳକ ଶିକ୍ଷା, ପ୍ରି-ସ୍କୁଲ, କୋଡିଂ ଆଦି ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପିଲାମାନେ ମାତୃଭାଷା ସମେତ ଅନ୍ୟ ଭାଷାରେ ଯେପରି ଦକ୍ଷ ହୋଇପାରିବେ ସେଦିଗରେ ବି ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଘରୋଇ ସ୍କୁଲଗୁଡ଼ିକ ଏନ୍‌ସିଇଆରଟି ବହିକୁ ଗୁରୁତ୍ୱ ଦେଉ ନ ଥିବା ନେଇ ଅଭିଯୋଗ ଉପରେ ସେ କହିଲେ ଯେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମାନମାନିକୁ ରୋକିବା ଲାଗି ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ । ରାଜ୍ୟ ସରକାରଙ୍କୁ ବି ଏଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

# ଗଣତନ୍ତ୍ର ସୁରକ୍ଷା ଅଭିଯାନର ଆହ୍ୱାନ

## ଦେଶରେ ତୃତୀୟ ସ୍ୱାଧୀନତା ସଂଗ୍ରାମର ଆବଶ୍ୟକତା ରହିଛି : ଶ୍ରୀ ତ୍ରିପାଠୀ

ଭୁବନେଶ୍ୱର,୨୭/୦୬ (ନି.ପ୍ର): କଳା ଦିବସ ଭାବରେ ପରିଚିତ ୧୯୭୫ ମସିହା ଜୁନ୍ ୨୬ ତାରିଖ ଘୋଷିତ ଜାତୀୟ ଜରୁରୀକାଳୀନ ପରିସ୍ଥିତ ୪୮ତମ ପୂର୍ତ୍ତି ଅବସରରେ ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତୀୟ ଅଧ୍ୟୟନ କେନ୍ଦ୍ର, ନୂଆଦିଲ୍ଲୀ ଓଡ଼ିଶା ଶାଖା ଆନୁକୂଲ୍ୟରେ ଗଣତନ୍ତ୍ର ସୁରକ୍ଷା ଅଭିଯାନର ସଭା ଓ କାର୍ଯ୍ୟକ୍ରମକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ଅନୁଷ୍ଠାନର ଜାତୀୟ ସଭାପତି ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ ଓ ବିଶିଷ୍ଟ ସମାଜବାଦୀ ନେତା ମିଶାବନ୍ଦୀ ଥିବା ଆଡ଼ଭୋକେଟ ଚିତରଞ୍ଜନ ମହାନ୍ତି ସଭାରେ ସଭାପତିତ୍ୱ କରିଥିଲେ । ସକାଳ ୧୦ ଘଟିକା ସମୟରେ ରେଳ ଷ୍ଟେସନ ନିକଟସ୍ଥ ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ଥାନୀୟ ଗୀତଗୋବିନ୍ଦ ଭବନଠାରେ ଆଲୋଚନା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ଭଗବାନ ପ୍ରକାଶ ଯୋଗଦେଇ କହିଲେ ଯେ, ଜନସାଧାରଣ ଜାଗ୍ରତ ପ୍ରହରୀ ଭାବରେ ଗଣତନ୍ତ୍ରର ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ଆହ୍ୱାନ ଦେଇ ନିର୍ବାଚନ ସଂସ୍କାର ସମ୍ପର୍କିତ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ସମାଜବାଦୀ ନେତା କୃଷ୍ଣଚନ୍ଦ୍ର ପାତ୍ର ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଗଣତନ୍ତ୍ର ବିରୋଧୀ ଶକ୍ତିମାନଙ୍କ ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଥିଲେ । ଆବାହକ ଶ୍ରୀ ମନୋଜ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଭାରେ ବକ୍ତାମାନେ ଗତ ଜରୁରୀକାଳୀନ ପରିସ୍ଥିତି ପୂର୍ବାବସ୍ଥା ଠାରୁ ବର୍ତ୍ତମାନ ଦେଶ ଓ ରାଜ୍ୟ ପରିସ୍ଥିତି ଅଧିକ ଗୁରୁତର ଓ ଗମ୍ଭିର ଥିବା, ଭ୍ରଷ୍ଟାଚାର, ଦୁର୍ନୀତ, ଆର୍ଥିକ ବୈଷମ୍ୟ, ଦାରିଦ୍ର୍ୟ ଓ ବେକାର ବୃଦ୍ଧି ଚରମ ଅବସ୍ଥାରେ ପହ ଥିବା ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ତଥା ପୋଲିସ୍ ଦ୍ୱାରା ଚାଷୀ, ଛାତ୍ର, ସାମ୍ବାଦିକଙ୍କ ସମେତ ଜମି, ଖଣି, ଜଳ ଓ ଜଙ୍ଗଲ ସତ୍ୱ ଓ ସୁରକ୍ଷା ପାଇଁ ସଂଗ୍ରାମ କରୁଥିବା ସାଧାରଣ ଜନତା ଅତ୍ୟାଚାରିତ ହେଉଥିବା, ରାଜନୈତିକ ଦଳମାନଙ୍କ ଆଭ୍ୟନ୍ତରୀଣ ଗଣତନ୍ତ୍ର ବିଲୁପ୍ତ ହେଉଥିବା, ସଂସଦୀୟ ଗଣତନ୍ତ୍ର ସାଧାରଣ ଜନତାଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଥିବା ତଥା ବ୍ୟବସ୍ଥାପକ ମାନଙ୍କର ନୈତିକ ଅଧୋପତନ ବିଷୟରେ ବକ୍ତବ୍ୟ ମାଧ୍ୟମରେ ଉଦବେଗ ପ୍ରକାଶ କରି ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ହାସଲ ପାଇଁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ ଗଣତନ୍ତ୍ର ସୁରକ୍ଷା ପାଇଁ ତୃତୀୟ ସ୍ୱାଧୀନତା ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । ଗଣମାଧ୍ୟମ ଗଣତନ୍ତ୍ରର ସୁରକ୍ଷା ପାଇଁ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ଦେଶରେ ସଂଘୀୟ ସାମ୍ବିଧାନିକ ବ୍ୟବସ୍ଥାର ସଙ୍କୋଚନ ଓ ଖଣିଜ ଦ୍ରବ୍ୟ ତଥା ସମସ୍ତଙ୍କ ଅଧିକାର ଥିବା ପ୍ରାକୃତିକ ସମ୍ପଦ ଲୁଟ୍ ଉଦ୍ୟମର ବିରୋଧ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ 'ଅଗ୍ନିପଥ' ସେନା ନିଯୁକ୍ତି ଓ ନୂଆ ଶ୍ରମ ଆଇନ ଯୋଜନାକୁ ବିରୋଧ କରାଯାଇଥିଲା । ବୃଦ୍ଧି ପାଉଥିବା ଅସହିଷ୍ଣୁତା ଓ ଅସମତା ପାଇଁ ଉଦବେଗ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ କେନ୍ଦ୍ର ତୁରନ୍ତ ଲୋକପାଳ ଓ ରାଜ୍ୟ ସରକାର ରାଜ୍ୟ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତ ଅଧୀନକୁ ଆଣି ଲୋକାୟୁକ୍ତ ସଂସ୍କାର ସକ୍ରିୟ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା । ଏକ ପ୍ରସ୍ତାବରେ ଜରୁରୀକାଳୀନ ପରିସ୍ଥିତି ଶାସନର ଚକ୍ଷୁଶୀଳ ହୋଇ ଗଣତନ୍ତ୍ର ସୁରକ୍ଷା ପାଇଁ ଜେଲ୍ ଯାଇଥିବା ଓ ଓଡ଼ିଶାର ସତ୍ୟାଗ୍ରହୀ ସଂଗ୍ରାମୀମାନଙ୍କୁ ଦେଶର ଅନ୍ୟ ରାଜ୍ୟ ଭଳି ସୁବିଧା ସୁଯୋଗ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା । କେନ୍ଦ୍ରସ ସରକାର ମଧ୍ୟ ସାରା ଦେଶରେ କେନ୍ଦ୍ରୀୟ ଯୋଜନାରେ ଅନୁରୂପ ସାହାଯ୍ୟ ଦେବାକୁ ଦାବିର ଦୃଢ଼ୀକରଣ କରାଯାଇଥିଲା ।

## ଇଡି ଓ ସିବିଆଇର....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏବେ ଏକ ହଜାରରୁ ଉର୍ଦ୍ଧ କର୍ମଚାରୀ କାର୍ଯ୍ୟରତ । ବିଭାଗ ପରିଚାଳନା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ ହେଉଛି, ହେଲେ ଫଳାଫଳ ଉତ୍ସାହଜନକ ନୁହେଁ ।

ଗୋଟିଏ ଗୋଟିଏ ଅଭିଯୋଗର ତଦନ୍ତ ୮ ବର୍ଷ ? ୧୦ ବର୍ଷ ଧରି ଚାଲିଛି, ତଥାପି ଇଡି ଥଳକୂଳ ପାଉନାହିଁ । ନାସନାଲ ହାରୋଲ୍ଡ କେସରେ ଇଡି ଶ୍ରୀ ରାହୁଲ ଗାନ୍ଧୀଙ୍କୁ ଜେରା କରିଛି । ଏ କେସ୍ ଆରମ୍ଭ ହେବାର ଦଶ ବର୍ଷ ହେଲାଣି, ସରିବାର ନାମ ନେଉ ନାହିଁ । ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ସତେନ୍ଦ୍ର ଜେନାଙ୍କ ବିରୁଦ୍ଧରେ ଥିବା ହାୱାଲା କେସ୍‌କୁ ଆଠ ବର୍ଷ ପାର ହେଲାଣି । ତାଙ୍କୁ ଏବେ ଗିରଫ କରି ଜେରା କରାଯାଉଛି । ଏପରି ଅନେକଙ୍କ ବିରୁଦ୍ଧରେ ତଦନ୍ତ ଚାଲିଛି । ଜଣକ ବିରୁଦ୍ଧରେ ଯଦି ଏପରି ତଦନ୍ତ ଦୀର୍ଘ ସମୟ ଧରି ଚାଲିବ ତେବେ ତାଙ୍କ ରାଜନୈତିକ କେରିୟର ଉପରେ ନିଶ୍ଚୟ ଆଞ୍ଚ୍ ଆସିବ । ତଦନ୍ତ ପ୍ରକ୍ରିୟା ଏପରି ଦୀର୍ଘ ସମୟଧରି ଗଡିଚାଲିବା ଅର୍ଥ ଇଡିକୁ ଠୋସ୍ ପ୍ରମାଣ ମିଳୁନାହିଁ ଅଥବା କାହାରି ନିର୍ଦ୍ଦେଶରେ ଜାଣିଶୁଣି ତଦନ୍ତକୁ ବିଳମ୍ବ କରାଯାଉଛି ଅଭିଯୁକ୍ତଙ୍କୁ ହଇରାଣ କରିବା ପାଇଁ । ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଏପରି କରାଯାଉଥିବା ବିଷୟ ସୂଚୀତ ହେବା ସ୍ୱାଭାବିକ ।

ଭ୍ରଷ୍ଟାଚାରକୁ ରୋକିବା ପାଇଁ ବଳିଷ୍ଠ ଓ କ୍ରିୟାକ୍ଷମ ଇଡି ଓ ସିବିଆଇର ଆବଶ୍ୟକତା ରହିଛି । ଶୁଆ-ଶାରୀ ତୁଲ୍ୟ ଏଗୁଡିକୁ ପିଞ୍ଜରାରେ ଆବଦ୍ଧକରି ରଖିବାର ପ୍ରୟାସ ନହେଉ । ଏମାନଙ୍କୁ ନିୟନ୍ତ୍ରଣରୁ ମୁକ୍ତ କରାଯାଉ । ଭ୍ରଷ୍ଟାଚାରୀ ମନ୍ତ୍ରୀ, ଯନ୍ତ୍ରୀ, ନେତା, ବ୍ୟାପାରୀ ସମସ୍ତଙ୍କ ଉପରେ ଏମାନଙ୍କ ଚାବୁକ ବରଷୁ । ଛୋଟ ନେତାଟିଏ କିପରି ବଡନେତା ହେବାପରେ ଅମାପ ସମ୍ପତ୍ତିର ମାଲିକ ହେଉଛି ତାହାର ତଦନ୍ତ ହେଉ । ବହୁ କଷ୍ଟରେ ପାଠ ପଢିଥିବା ଯନ୍ତ୍ରୀଟି କିପରି କୁବେର ପାଲଟୁଛି ତାହାର ମଧ୍ୟ ତଦନ୍ତ ହେଉ । ରାଜନୈତିକ ଦଳମାନେ କୋଉଠୁଁ ଏତେ ଟଙ୍କା ଆଣି ନିର୍ବାଚନରେ ଖର୍ଚ୍ଚ କରୁଛନ୍ତି ତାହାର ବି ହିସାବ ବାହାର କରାଯାଉ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଦନ୍ତ ସରୁ ଓ ଦଣ୍ଡ ବିଧାନ ହେଉ । ଏହି ସଂସ୍ଥାଗୁଡିକ ହିଂସା ଓ ପ୍ରତିହିଂସାର ମାଧ୍ୟମ ନବନୁ । ରାଜନୈତିକ ସହମତି ମାଧ୍ୟମରେ ଏଗୁଡିକୁ ମୁକ୍ତ ଅକାଶରେ ଉଡିବାର ସୁଯୋଗ ଦିଆଯାଉ ।

+ ବାରିପଦା, ମୟୁରଭଞ୍ଜ (ମୋ) ୭୦୦୮୯୭୬୧୮୦

## ଅଗ୍ନିପଥ ଯୋଜନା ବିରୋଧରେ କଂଗ୍ରେସର ଧାରଣା

ଭଦ୍ରକ,୨୭/୦୬ (ନି.ପ୍ର): କେନ୍ଦ୍ର ସରକାର ପ୍ରଣୟନ କରିବାକୁ ଯାଉଥିବା ଅଗ୍ନିପଥ ଯୋଜନାକୁ ଦୃଢ଼ ବିରୋଧ କରିଛି ଜାତୀୟ କଂଗ୍ରେସ । ଅଖିଳ ଭାରତ କଂଗ୍ରେସ କମିଟିର ସୁପାରିଶ ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଡାକରାରେ ପ୍ରତ୍ୟେକ ସ୍ଥାନରେ ଅଗ୍ନିପଥ ଯୋଜନା ବିରୋଧରେ ଧାରଣା ଦିଆଯାଇଥିବାବେଳେ, ଭଦ୍ରକ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ ଏହି ଯୋଜନା ବିରୋଧରେ ଭଦ୍ରକ ବିଧାନସଭା କଂଗ୍ରେସ କମିଟି ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ଭଦ୍ରକ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ସାମଲ । ଉକ୍ତ ପ୍ରତିବାଦ ସଭାରେ ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ କୁମାର ମହାନ୍ତି ଉଦବୋଧନ ଦେଇ ଏହି ଯୋଜନା ଦ୍ୱାରା ଭାରତର ଅଖଣ୍ଡତାକୁ ରକ୍ଷା କରୁଥିବା ସୈନ୍ୟବାହିନୀ ଦୁର୍ବଳ ହେବ । ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପ୍ରତ୍ୟେକ ନିର୍ବାଚନୀ ସଭାରେ ବର୍ଷକୁ ୨କୋଟି ନିଯୁକ୍ତି ଦେବେ ବୋଲି ଘୋଷଣା କରିଥିଲେ । ଯାହାକି ସମ୍ପୂର୍ଣ୍ଣ ମିଛ ସାବ୍ୟସ୍ତ ହୋଇଛି । ମୋଦି ଦେଶର ଯୁବବର୍ଗଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି । ଅଗ୍ନିପଥ ଯୋଜନା ଯୋଗୁଁ ଯୁବବର୍ଗ ଏବେ ଦ୍ୱନ୍ଦରେ ରହିଛନ୍ତି । ସେମାନଙ୍କ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହେବାରେ ଲାଗିଛି । ମୋଦି ସରକାରଙ୍କ ପ୍ରତ୍ୟେକଟି ପ୍ରତିଶ୍ରୁତି ଓ ଘୋଷଣା ଧୂଆଁବାଣରେ ପରିଣତ ହୋଇଛି ବୋଲି ଶ୍ରୀ ମହାନ୍ତି କହିବା ସହ କେନ୍ଦ୍ର ସରକାର ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଅଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଷ୍ଟ୍ରପତି ନିର୍ବାଚନ : ନାମାଙ୍କନ....

ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ଜୁଲାଇ ପହିଲାରୁ ସେ ରାଜ୍ୟକୁ ରାଜ୍ୟ ବୁଲି ସମର୍ଥନ ଲୋଡିବେ ବୋଲି ସୂଚନା ମିଳିଛି । ଏହି ଅବସରରେ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ଓଡିଶା ରାଇରଙ୍ଗପୁରର ଦ୍ରୌପଦୀ ମୁର୍ମୁଙ୍କୁ ମନେ ପକାଇଛନ୍ତି ତାଙ୍କ ପାଠ ପଢାଇଥିବା ଶିକ୍ଷକ । କହିଛନ୍ତି ଏଭଳି ଶିଷ୍ୟ ପାଇଥିବାରୁ ସେ ଗର୍ବିତ ଅନୁଭବ କରୁଛନ୍ତି । ଓଡିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରି ବିଜେପି ଯେଉଁ ମାଷ୍ଟର ଷ୍ଟ୍ରୋକ ଖେଳିଛି । ଏଥିରେ ବିରୋଧୀ ମେଣ୍ଟରୁ ଭୋଟ ଆସିବା ସମ୍ଭାବନା ସୃଷ୍ଟି କରିଛି । ବିରୋଧୀ ମେଣ୍ଟର ବିଏସପି ସମେତ ୱାଇଏସଆର କଂଗ୍ରେସ, ବିଜେଡି ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବା ପାଇଁ ଘୋଷଣା କରିସାରିଛନ୍ତି । ହେଲେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା କାହାକୁ ସମର୍ଥନ ଦେବ ଏଯାଏଁ ସ୍ପଷ୍ଟ ହୋଇନାହିଁ ।

### ବିଦ୍ରୋହୀ ବିଧାୟକଙ୍କୁ ସୁପ୍ରିମକୋର୍ଟରୁ....

କୋର୍ଟ କୌଣସି ନିର୍ଦ୍ଦେଶ ଦେଇନାହାଁନ୍ତି । ଆଜି ଏମଭିଏ ସରକାରରୁ ବିଦ୍ରୋହୀ ବିଧାୟକ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ୩୮ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି । ଫଳରେ ସଂଖ୍ୟା ଲଘୁରେ ପରିଣତ ହୋଇଯାଇଛି ଏମଭିଏ ସରକାର । ତେଣୁ ଖୁବଶଘ୍ର ଏମଭିଏ ସରକାରଙ୍କୁ ଫ୍ଲୋର ଟେଷ୍ଟର ସାମ୍ନା କରିବାକୁ ପଡିପାରେ ବୋଲି କୁହାଯାଉଛି । ଏପଟେ ବିଦ୍ରୋହୀ ବିଧାୟକଙ୍କୁ ଶିବସେନା ନେତା ସଞ୍ଜୟ ରାଉତଙ୍କ ଧମକ ପରେ ପୁଣେରେ ଶକ୍ତି ପଦର୍ଶନ କରିଛନ୍ତି ସିନ୍ଦେଙ୍କ ସମର୍ଥକ । ଆଉ ସଞ୍ଜୟଙ୍କୁ ମନ୍ତବ୍ୟ ଉପରେ ଯବାବ ରଖିଛନ୍ତି ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ମୁକତାର ଆବାସ ନକଭି । ଗୌହ୍ୱାଟୀରେ ସିନ୍ଦେଙ୍କ କ୍ୟାମ୍ପରେ ଥିବା ଶିବସେନାର ୩୮ ବିଧାୟକଙ୍କ ମଧ୍ୟରୁ ୨୦ ଜଣ ଉଦ୍ଧବ ଠାକରେଙ୍କ ଯୋଗାଯୋଗରେ ଥିବା ସେନା ଦାବି କରୁଥିବା ବେଳେ ଶିବସେନାର ଆଉ ଜଣେ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସିନ୍ଦେଙ୍କ କ୍ୟାମ୍ପରେ ଯୋଗଦେଇଛନ୍ତି । ତେବେ ଖୁବ୍ ଶିଘ୍ର ରାଜ୍ୟପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପାଇଁ ଦାବି କରିପାରନ୍ତି ସିନ୍ଦେଙ୍କ ଗୋଷ୍ଠୀ ।

### ପୁଣି ଆକ୍ସନ ମୋଡରେ ଗଣଶିକ୍ଷାମନ୍ତ୍ରୀ....

ଏକାଠି ବସି କଥା ହେଉଥିଲେ, ପ୍ରଧାନଶିକ୍ଷକ ଗାଡି ଧରି ସ୍କୁଲ ବାହାରକୁ ବାହାରୁଥିଲେ । ସ୍କୁଲରେ ପହଞ୍ଚିବା ପରେ କେବଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବହେଳା ନୁହେଁ ବିଦ୍ୟାଳୟର କାଗଜ ପତ୍ରରେ ମଧ ଅନିୟମିତତା ଦେଖିବାକୁ ପାଇଥିଲେ ମନ୍ତ୍ରୀ । ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀକୁ ଫୋନ କରି ବିଦ୍ୟାଳୟର ୮ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ । ମନ୍ତ୍ରୀ ସମୀର ଦାଶ, ଏହି ସ୍କୁଲରେ ଅନୁଧ୍ୟାନ ସାରି ଚାଲିଯିବା ପରେ ସେଠି ଗୋଟିଏ କଥା ଚର୍ଚ୍ଚା ହେଉଥିଲା, ଯେଉଁ ସ୍କୁଲଗୁଡିକରେ ଭିତିଭୂମି ନାହିଁ, ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି, ସେହି ସ୍କୁଲଗୁଡିକୁ କେବେ ପରିଦର୍ଶନ କରିବେ ଓ ସମସ୍ୟାର ସମାଧାନ କେବେ କରିବେ ।

## ବାସୁଦେବପୁର ଜନ ଶୁଣାଣିରେ ୩୬ଟି ଅଭିଯୋଗ

ଭଦ୍ରକ, ୨୭/୦୬ (ନି.ପ୍ର): ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ଜିଲ୍ଲାପାଳ ଓ ଏସ.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୩୬ଟି ଅଭିଯୋଗ ଶୁଣାଣି କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇ ଜିଲ୍ଲାପାଳଙ୍କୁ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଶୁଣାଣି କରାଯାଇଥିବା ସମୁଦାୟ ଅଭିଯୋଗ ମଧ୍ୟରେ ୨୬ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲାବେଳେ ୧୦ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ଚିକିତ୍ସା ସହାୟତା ନେଇ ସାନକୃଷ୍ଣପୁରର କ୍ୟାନସର ରୋଗୀ ଶାନ୍ତିଲତା ନାୟକଙ୍କୁ ୮୦୦୦/- ଟଙ୍କା ଓ ବଚ୍ଛଦାର କମଳିନୀ ଜେନା ଙ୍କୁ ୫୦୦୦/- ଟଙ୍କା ର ସହାୟତା ପ୍ରଦାନ ପାଇଁ ରେଡ଼କ୍ରସରୁ ଜିଲ୍ଲାପାଳଙ୍କ ଦ୍ୱାରା ମଞ୍ଜୁର କରାଯାଇଛି । ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ସାଇକେଲ ଓ ଅନ୍ୟାନ୍ୟ ଉପକରଣ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଆଗତ ଅଭିଯୋଗ ମଧ୍ୟରେ ଗୃହ ନିର୍ମାଣ ସହାୟତା, ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ଜମିଜମା ଗଣ୍ଡଗୋଳରେ ଆପୋଷ ବଣ୍ଟନ, ସୈରାତ ନିଲାମରେ ପୂର୍ବତନ ନିଲାମ ଧାରୀମାନଙ୍କ ବେଦଖଲ ଯୋଗୁଁ ନୂତନ ନିଲାମଧାରୀ ମାନେ ଦଖଲ ନେଇ ନ ପାରିବା ଯୋଗୁଁ ପୋଲିସ ସହାୟତା ପ୍ରଦାନ, ବାସୁଦେବପୁର ପୌରପାଳିକାର ବିଭିନ୍ନ ଉନ୍ନୟନ ମୂଳକ ନିର୍ମାଣ କାର୍ଯ୍ୟରେ ଫଳକ ନଲାଗିବା, ବାସୁଦେବପୁର ପୌରପାଳିକାର ବଜାରରେ ବ୍ୟବସାୟୀ ମାନଙ୍କ ଲାଗି ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯିବା, ଗ୍ରାମପଞ୍ଚାୟତ ମାନଙ୍କରେ ବି.ଡ଼ି.ଓଙ୍କ ଦ୍ୱାରା ହେଉଥିବା କାର୍ଯ୍ୟ ଗୁଣାତ୍ମକ ହେଉନଥିବା ଆଦି ଉଲ୍ଲେଖନୀୟ ଥିଲା । ସହକାରୀ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା, ବାସୁଦେବପୁର ବି.ଡ଼ି.ଓ ସତ୍ୟଜିତ ରାଉତ ପ୍ରମୁଖ ଏହି ଶିବିର ପରିଚାଳନା ଓ ଅଭିଯୋଗ ଉପସ୍ଥାପନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ମୟୁରଭଂଜ ଛଉନୃତ୍ୟ ତାଲିମ ପାଠ୍ୟଖସଡା ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ



ବାରିପଦା, ୨୭/୦୬ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ଏକ ୫ଦିନିଆ ଛଉନୃତ୍ୟ କର୍ମଶାଳା ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ କୁମାର ସେଠୀ ଯୋଗଦେଇ ଛଉନୃତ୍ୟ ଉପରେ ଆହୁରି ତଥ୍ୟାତ୍ମକ ଓ କ୍ରିୟାତ୍ମକ ଗବେଷଣା କରାଯାଇ ଏହାକୁ ଲୋକାଭିମୁଖି କରାଯିବା ଦରକାର ବୋଲି କହିଥିଲେ । ଉତରସାହି ଓ ଦକ୍ଷିଣସାହି ବାରିପଦାର କର୍ମକର୍ତା ମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ଦାସ, କାର୍ତିକେଶ୍ୱର ରଣା, ଲଡୁକେଶ୍ୱର ରଣା, ଦିଲ୍ଲିପ କୁମାର ମିଶ୍ର, ସୁଧୀର କୁମାର ନାୟକ, ଗୁରୁ ଲୋକନାଥ ଦାସଙ୍କ ସମେତ ବାମନଘାଟି ସବଡିଭିଜନରୁ ଦୁଷ୍ମନ୍ତ କୁମାର ବସା, ଚିତ୍ରଡ଼ାର କମଳେନ୍ଦୁଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଉଦଯାପନୀ ଉତ୍ସବରେ ବାରିପଦା, ରାଇରଙ୍ଗପୁର ଓ ଚିତ୍ରଡ଼ାର କଳାକାରମାନେ, ମୟୂରଭଂଜ ଛଉନୃତ୍ୟର ଶୈଳୀ ଓ କୌଶଳ ଉପରେ ଆଧାରିତ ଏକ ଛୋଟ ନୃତ୍ୟ ମୁଖ୍ୟଅତିଥିଙ୍କୁ ଉତ୍ସର୍ଗୀକୃତ କରି ଉପସ୍ଥାପନା କରିଥିଲେ । କର୍ମଶାଳାରେ ପ୍ରସ୍ତୁତ ହୋଇଥିବା ଏକ ବର୍ଷିଆ ପାଠ୍ୟ ଖସଡା ଜିଲ୍ଲା ସସ୍କୃତି ଅଧିକାରୀଙ୍କୁ ପ୍ରଦାନ କରାଯିବା ସାଙ୍ଗକୁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବସାଙ୍କୁ ମଧ ଉକ୍ତ ପାଠ୍ୟ ଖସଡା କର୍ମକର୍ତା ଓ ବର୍ଷିଆନଗୁରୁ ଶିବ ପ୍ରସାଦ ଦାସ ପ୍ରଦାନ କରିଥିଲେ । ଶତ୍ରୁଘନ ପ୍ରଧାନ, ଅଜୟ କୁମାର ବୈଠା, ଲକ୍ଷ୍ମୀଧର ମହାନ୍ତ, ବୁଦ୍ଧେଶ୍ୱର ମୁଣ୍ଡା, ବର୍ଣ୍ଣରୂପା ମହାନ୍ତି, ବିଭୁତି ଭୁଷଣ ମହାନ୍ତ, ପ୍ରଦୀପ ମହାନ୍ତି, ଫରେନ ନାରାୟଣ ଧଡ଼ା, ଦେବ ନାରାୟଣ ଧଡ଼ା, ସଂଜିତ ଘଡେଇ ଓ ରମାକାନ୍ତ ସେନ ପ୍ରମୁଖ ଗୁରୁ ମାନେ ଉଦଯାପନୀ ଉତ୍ସବରେ ଯୋଗଦେଇଥିଲେ । କର୍ମଶାଳାରେ ଭାଗ ନେଇଥିବା ସଦସ୍ୟଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ, ସଂସ୍କୃତି ଅଧିକାରୀ ଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଦ୍ୟ ସାହିତ୍ୟ ସମୃଦ୍ଧ ହେଲେ ଭାଷା ସମୃଦ୍ଧ ହେବ : ସୌମ୍ୟରଂଜନ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ପକ୍ଷୀଘର ପ୍ରକାଶନୀ ଦ୍ୱାରା ଆୟୋଜିତ ଦଶମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା ସ୍ଥାନୀୟ ଭାରତୀୟ ବିଦ୍ୟାଭବନ ଠାରେ ଆୟୋଜିତ ହୋଇଯାଇଛି । ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟନାୟକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଥିଲେ ଗଦ୍ୟ ସମୃଦ୍ଧ ହେଲେ ଭାଷା ସମୃଦ୍ଧ ହେବ. ଓଡ଼ିଆ ଗଳ୍ପ ସାହିତ୍ୟର ଅନନ୍ୟ କଥାଶିଳ୍ପୀ ବସନ୍ତ ଶତପଥୀଙ୍କ ଗଳ୍ପ ପଢି ଅନେକ କଥାଶିଳ୍ପୀ ପ୍ରଭାବିତ ହୋଇଛନ୍ତି ଏହା ସ୍ୱୀକାର୍ଯ୍ୟ । ବିଶିଷ୍ଟ କବି ପ୍ରତିଭା ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ ବସନ୍ତ ଶତପଥୀ ସାଧାରଣ ମଣିଷର କଥାକୁ ନେଇ ଗପ ଲେଖୁଥିବାରୁ ଚର୍ଚ୍ଚିତ ହୋଇପାରିଥିଲେ । ଅନନ୍ତ ମହାପାତ୍ର ବସନ୍ତ ଶତପଥୀଙ୍କ ଗଳ୍ପ ଅପୂଜିତା ପାଠ କରିଥିଲେ । ଉଦଯାପନୀ ବକ୍ତବ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ବସନ୍ତ ଶତପଥୀଙ୍କ ପୁଅ ପ୍ରଫେସର ସୁମନ୍ୟୁ ଶତପଥୀ ଅର୍ପଣ କରିଥିଲେ ।

## ଗୋଟିଏ ଦିନରେ ୬୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୩୨୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୬୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୨ ଜଣ ସଂଗରୋଧରୁ ଓ ୨୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୫, ବଲାଙ୍ଗିର ଜିଲ୍ଲାରୁ ୧,କଟକ ଜିଲ୍ଲାରୁ ୧୩. ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁର ଜିଲ୍ଲାରେ ୨. କଳାହାଣ୍ଡି ଜିଲ୍ଲାରୁ ୭, ଖୋର୍ଧା ଜିଲ୍ଲାରୁ ୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପଦାର୍ଥ ବିଜ୍ଞାନର ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା, ୨୭/୦୬ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପଦାର୍ଥ ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ବିଭାଗୀୟ ମୁଖ୍ୟ ମଦନ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧ୍ୟାପିକା ଦେବାଶ୍ରୀତା ବିଶ୍ୱାଳ ପ୍ରାରମ୍ଭରେ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ସୂଚନା ଦେବା ସହିତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପି.ଜି. ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେବା ସହିତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୟୂରଭଞ୍ଜ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ବର୍ଷର ପଦାର୍ଥ ବିଜ୍ଞାନ ଛାତ୍ର ରବିନାରାୟଣ ହାଁସଦା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସୁଜାତା ପାଲ, ସାଗରୀକା ପଣ୍ଡା, ଦେବୀଦତ୍ତ ରାଉତ, ଦୀପ୍ତିଶ୍ରୀ ବେହେରା, ପୂର୍ଣ୍ଣିମା ମହାନ୍ତି, ମୀରା ସେନାପତି, ଜ୍ୟୋର୍ତିମୟୀ ଗିରି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉପହାର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଦେଇ ସମ୍ମାନିତ କରିଥିଲେ । ଲୋକେଶ ମହାକୁଡ, ମନୋଜ କୁମାର ନାଥ, ମୁକେଶ ବାରିକ, ସତ୍ୟଜିତ ମହାକୁଡ, ପ୍ରୀତମ ଗୋଚ୍ଛାୟତ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

## ଅଗ୍ନିପଥ ଯୋଜନା ବିରୋଧରେ ଜଳେଶ୍ୱର କଂଗ୍ରେସର ସତ୍ୟାଗ୍ରହ

ଜଳେଶ୍ୱର, ୨୭/୬(ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସ ଡାକରାରେ ସାରା ଦେଶରେ ଅଗ୍ନିପଥ ଯୋଜନା ବିରୋଧରେ ସତ୍ୟାଗ୍ରହ ଆରମ୍ଭ ହୋଇଛି । ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆଜି ଏହି ସତ୍ୟାଗ୍ରହ ଜଳେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଯୋଗ ଦେଇ ବିଭିନ୍ନ ନାରାବାଜି କରିଥିଲେ । ଏହି ଯୋଜନାକୁ ବାତିଲ କରିବାଲାଗି ଏବଂ ଯୁବ ସମାଜକୁ ବିପଥଗାମୀ କରିବାଲାଗି ଏହା ଏକ ଶାସକ ଦଳର ଚାଲାକି ବୋଲି ବକ୍ତମାନେ କହିଥିଲେ । ଏଥିରେ ବ୍ଲକ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ରିଆଜ ଖାଁ, ପଦ୍ମଲୋଚନ ବେହେରା, ଗୌରାଙ୍ଗ ମହାପାତ୍ର, ସଂଜୟ ଜେନା, ଥିରେନ ଦେ, କୁମୁଦ ବାରିକ, ପ୍ରଦୀପ ପ୍ରଧାନ, କାର୍ତ୍ତିକ ବେହେରା, ଶରତ ଜେନା, ଗଭବାନ ଜେନା ଓ ରବିନ୍ଦ୍ର ଦାସ ପ୍ରମୁଖ ଏହି ଯୋଜନାକୁ ସମାଲୋଚନା କରିଥିଲେ ।

## ପୁରୁଣା ଡାକ୍ତରଖାନାରେ ନାହିଁ ପିଇବାପାଣି ଓ ଶୌଚର ବ୍ୟବସ୍ଥା : ତଦନ୍ତ ଦାବି

ଜଳେଶ୍ୱର, ୨୭/୬(ନି.ପ୍ର): ଜଳେଶ୍ୱର ସହରର ବଡବଜାରଠାରେ ଡିସ୍‌ପେନ୍‌ସରି ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଚାଲିଛି । କିନ୍ତୁ ବିଭିନ୍ନ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ବ୍ୟବହୃତ ଇଟା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଇଟାଗୁଡିକ ବ୍ୟବହାର ପୂର୍ବରୁ ବର୍ଷାପାଣିରେ ଧୋଇ ଯାଉଥିବାର ଦେଖିବାକୁ ମିଳିଥିଲା । ଅବଧିର ୩ ମାସ ବିତିଯାଇଥିଲେ ମଧ୍ୟ କାମ ସରିବାର ନାମ ଧରୁନାହିଁ । କେବଳ ଏତିକି ନୁହେଁ ଏଠାରେ ଚିକିତ୍ସାଲାଗି ପ୍ରତିଦିନ ଶତାଧିକ ରୋଗୀ ଆସୁଥିବା ବେଳେ ସେମାନଙ୍କ ବିଶୁଦ୍ଧ ପିଇବାପାଣି ଓ ଶୌଚର ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ଦେଖା ଦେଇଛି । ଘଟଣାରୁ ପ୍ରକାଶ, ସହରର ମଧ୍ୟସ୍ଥଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର (ଡିସ୍‌ପେନ୍‌ସରି)ର ବର୍ହିବିଭାଗ ରୋଗୀ (ଓପିଡି) ନିର୍ମାଣ ଲାଗି ୨୦୧୯-୨୦ ମସିହାରେ ୭୬୯୭୦୦୦ ଟଙ୍କା ମଂଜୁର ହୋଇଥିଲା । ଏହି କାର୍ଯ୍ୟକୁ ଗତ ୧୦-୯-୨୧ରେ ଆରମ୍ଭ ହୋଇଥିବା ବେଳେ ୯-୩-୨୨ରେ ଶେଷ ହେବା କଥା । କିନ୍ତୁ ଏବେବି କାର୍ଯ୍ୟର ୩୫ ଭାଗ ବାକି ପଡିଛି । ଏହି ଗୃହ ନିର୍ମାଣରେ ଜନୈକ ଠିକାଦାର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ତ୍ତୃପକ୍ଷ, ଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି । ଶୌଚାଳୟ ନ ଥିବାରୁ ରୋଗୀଙ୍କୁ ବହୁ ହିନସ୍ତା ହେବାକୁ ପଡୁଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଇବାପାଇଁ ଭଳି ସର୍ବନିମ୍ନ ସୁବିଧା ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ଏହି କାର୍ଯ୍ୟର ସବିଶେଷ ତଥ୍ୟ ଫଳକରେ ଲେଖା ଯିବାର ନିୟମ ଥିବା ବେଳେ ସ୍ୱଚ୍ଛତାପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି । ଏ ସମ୍ପର୍କରେ ଆଜି ସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର ଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ପ୍ରାୟ ୭୬ ଲକ୍ଷ ଟଙ୍କା ମଂଜୁର ହୋଇଥିଲେ ମଧ୍ୟ ସେଥିରୁ ୩୯୪୮୬୮୦ଟଙ୍କା ବ୍ୟୟ ବରାଦରେ ଗୃହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କିନ୍ତୁ ଅସ୍ଥାୟୀ ଶୌଚାଳୟ ନିମନ୍ତେ ଏବେ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି । ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପଟି ନିର୍ଦ୍ଦିଷ୍ଟ ସମୟରେ ଶେଷ ନ ହେବା ଓ ଜନସାଧାରଣଙ୍କୁ ସୁବିଧାସୁଯୋଗ ପ୍ରାପ୍ତ ହେଉନଥିବା କୁହାଯାଇଛି ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଆନ୍ତର୍ଜାତିକ ନିଶାନିବାରଣ ଦିବସ ପାଳିତ



ବାରିପଦା, ୨୭/୦୬ (ନି.ପ୍ର): ମୟୂରଭଂଜ ଜିଲ୍ଲାପ୍ରଶାସନ ତତ୍ୱାବଧନାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ଆରକ୍ଷୀ ବିଭାଗ ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୯ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ଆଇନ ପ୍ରାଧିକରଣ ସଚିବ ସୌମ୍ୟସ୍ୱରୂପ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ,ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ଆରକ୍ଷୀ ବିଭାଗ, ଆରଡିଏସି, ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ର, ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିବା ବେଳେ, ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରି ସହିଦସ୍ମୃତି ଭବନ ସଭାଗୃହରେ ସମବେତ ହେବାପରେ ଏକ ସଚେତନତା ସଭା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟସ୍ୱରୂପ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଟ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନରଂଜନ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବେ ଆରଡିଏସି ସଂସ୍ଥାର ସମ୍ପାଦକ ବିଜୟ କୁମାର ବେହେରା ଯୋଗଦେଇ ନିଶା ଦ୍ରବ୍ୟର ଅପବ୍ୟବହାର ,ଚୋରା ଚାଲାଣ ଏବଂ ନିଶା ଦ୍ରବ୍ୟ ସେବନ ଆଇନ ୧୯୮୫ ବିଷୟରେ ଆଲୋଚନା କରିଥିଲେ । ଆରଡିଏସି ଦ୍ୱାରା ପରିଚାଳିତ ନିଶାମୁକ୍ତି ଓ ଥଇଥାନ କେନ୍ଦ୍ରର ପୂର୍ବ ନିଶାସକ୍ତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବାରୁ ଶ୍ରୀ ତପନ କୁମାର ସିଂ ବାବୁ ଓ ଶ୍ରୀ ଗୋଲକ ମାନସିଂ ଙ୍କୁ ଉତରୀୟ ,ପୁଷ୍ପଗୁଚ୍ଛ ସହିତ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି : ଅସନ୍ତୋଷ ପ୍ରକାଶ କଲେ ଭିନ୍ନକ୍ଷମ ମଞ୍ଚ



ଉଦଳା, ୨୭/୦୬(ନି.ପ୍ର) : ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜୁନ ୨୭ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରତିମାସର ଚତୁର୍ଥ ସୋମବାର ଦିନ ଏଠାରେ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ତେବେ ଆଜି ଏଠାକୁ କପ୍ତିପଦା ବ୍ଲକ ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଂଜନ ଜେନା ଆସିଥିଲେ । ଜିଲ୍ଲାପାଳଙ୍କ ନିକଟକୁ ଭିନ୍ନକ୍ଷମ ଲୋକମାନେ ଯିବା ପାଇଁ ର୍ୟାମ୍ପସ ଓ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ । ବିଦ୍ୟାଳୟରେ ଭିନ୍ନକ୍ଷମ ପିଲାମାନେ ଶ୍ରେଣୀଗୃହକୁ ଯିବା ପାଇଁ ର୍ୟାମ୍ପସ୍‌ର ବ୍ୟବସ୍ଥା ରହିଛି । ଅଥଚ ଜିଲ୍ଲାପାଳଙ୍କ ନିକଟକୁ ଗୁହାରୀ ଜଣାଇବାକୁ ଆସୁଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ର୍ୟାମ୍ପସ୍ର ବ୍ୟବସ୍ଥା କାହିଁକି ନାହିଁ ବୋଲି ମନୋରଂଜନ ପ୍ରଶ୍ନ କରିଛନ୍ତି । ସେ ଏ ବାବଦରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ସମ୍ମୁଖରେ ନିଜର କ୍ଷୋଭ ପ୍ରକାଶ କରିବା ସହିତ ଆସନ୍ତା ମାସ ଜନଅଭିଯୋଗ ଶୁଣାଣୀ ସମୟରେ ଏଠାରେ ର୍ୟାମ୍ପସ୍ ଓ ପିଇବା ପାଣିର ବ୍ରବସ୍ଥା ହୋଇ ଯାଇଥିବ ବୋଲି ଆଶା ପୋଷଣ କରିଛନ୍ତି ।

## ଖରିଫ ଚାଷ ସମ୍ପର୍କିତ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ

ବାଲେଶ୍ୱର,୨୭/୦୬ (ନି.ପ୍ର): ବାଲେଶ୍ୱର ଜିଲା କୃଷି ନୀତି ନିର୍ଦ୍ଧାରଣ କମିଟି ପକ୍ଷରୁ ଚଳିତ ଖରିଫ ଚାଷ ସମ୍ପର୍କିତ ଏକ ବୈଠକ ସ୍ଥାନୀୟ "ସଦଭାବନା ସଭାଗୃହ"ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୧-୨୨ ଚଳିତ ଖରିଫ ଚାଷ ଓ ରବି ଋତୁ ପାଇଁ ବିଭିନ୍ନ ଫସଲ ଏବଂ ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ ଖରିଫ ଋତୁ ପାଇଁ ଧାର୍ଯ୍ୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗୃହରେ ଉପସ୍ଥିତ ସହକାରୀ କୃଷି ଅଧିକାରୀ ଏବଂ ବ୍ଲକ ତଥା ଜିଲାସ୍ତରୀୟ କୃଷି ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷ ଓ ଉତ୍ପାଦିତ ଶସ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ଶ୍ରୀ ଶିନ୍ଦେ ଶସ୍ୟ ବିବିଧିକରଣ, ଉତ୍ପାଦିତ ଶସ୍ୟକୁ ମୂଲ୍ୟଯୁକ୍ତ ସାମଗ୍ରୀରେ ପରିଣତ କରି କୃଷକଙ୍କ ଆୟକୁ ବଢାଇବା ଏବଂ କୃଷିଭିତ୍ତିକ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଧାନଚାଷକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହା କୃଷକଙ୍କ ଆୟ ବୃଦ୍ଧିରେ ସକ୍ଷମ ହୋଇପାରିବ ନାହିଁ ବୋଲି ସେ କହିଥିଲେ।ଏଣୁ ଡାଲିଜାତୀୟ ଶସ୍ୟ, ମକା, ପରିବା, ଆଖୁ, ଝୋଟ, ହଳଦୀ, ଅଦା ଓ ଲଙ୍କା ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସେ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନୁରୂପ ଭାବେ ବଳରାମ ଯୋଜନାର ସଫଳ ରୂପାୟନ ପାଇଁ ନାବାର୍ଡ ସହାୟତାରେ ମିଳିତ ଦାୟିତ୍ୱ ଗୋଷ୍ଠୀ ତିଆରି କରିବା, ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବଣ୍ଟନ, କୃଷି ଯାନ୍ତ୍ରିକୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଅଗ୍ରଣୀ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ରିଆତିରେ ସେମାନଙ୍କୁ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ କାର୍ଯ୍ୟକାରୀ କରି କୃଷିଭିତ୍ତିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା, କୃଷକମାନଙ୍କୁ କମ ସୁଧ ଏବଂ ସୁବିଧାରେ ଋଣ ପ୍ରଦାନ କରିବା, ସାର ଓ ବିହନ ଯୋଗାଇ ଦେବା, ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ ପଦକ୍ଷେପ ନେବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## ପିସିସି ସଭାପତିଙ୍କୁ ଭଦ୍ରକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଭଦ୍ରକ,୨୭/୦୬ (ନି.ପ୍ର): ନୂତନ ଭାବେ ନିଯୁକ୍ତ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ଭଦ୍ରକ ବୀଣା ପେଟ୍ରୋଲ ପମ୍ପ ନିକଟରେ ଭଦ୍ରକ ବିଧାନ ସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶ୍ରୀ ପଟ୍ଟନାୟକ ବାସୁଦେବପୁର ଏକ ଦଳୀୟ କାର୍ଯ୍ୟକ୍ରମରେ ଯାଉଥିବା ସମୟରେ ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଆସନ୍ତା ୨୮ ତାରିଖରୁ ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହାର ସୁପରିଚାଳନା କରିବା ସହ ତୃଣମୂଳସ୍ତରରେ ରହୁଥିବା ପ୍ରତ୍ୟେକଟି ଲୋକ ସହ ସମ୍ପର୍କ ସ୍ଥାପନ କରିବାକୁ ଶ୍ରୀ ରାଉତ୍ ପରାମର୍ଶ ଦେଇଥିଲେ। ମୟୁରଭଞ୍ଜ ଜିଲ୍ଲାରୁ ଏହି ଜନ ସମ୍ପର୍କ ଯାତ୍ରା ଆରମ୍ଭ ହେବ। ତେବେ ରାଜ୍ୟରେ ଥିବା ନବୀନ ପଟ୍ଟନାୟକଙ୍କ କୁଶାସନ ଦ୍ୱାରା ଓଡିଶାବାସୀ ଅଣ ନିଶ୍ୱାସୀ ହୋଇ ପଡ଼ିଲେଣି। ଚାରିଆଡ଼େ ଦୁର୍ନିତୀ ବ୍ୟାପିଛି। ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁ ନାହିଁ। ତେଣୁ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଜିଲ୍ଲାରେ ଚାଲିବ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅମିତାବାଳା ଆଚାର୍ଯ୍ୟ, ଅଶ୍ରଫ ଅଲ୍ଲୀ ଖାନ, ରାଜନ ଲାହା, ପିତବାସ ଧଳ, ସେକ୍ ସିରାଜୁଦ୍ଦିନ, ପାରିଷଦ ଜାହି ଶାହା, ଡା. ରବି ମହାପାତ୍ର, ଏନାମୁଲ ହକ୍, ତନଭିର ଖାନ, ହେମନ୍ତ ସାହୁ, ବିଜୟ ବାରିକ, ରଂଜନ ଜେନା, ଟୋନି ଅଲ୍ଲୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସରକାରୀ ସ୍ଥାନରୁ ଜବରଦଖଲ ହଟିଲା

ଜଳେଶ୍ୱର, ୨୭/୬(ନି.ପ୍ର) : ଆଜି ଜଳେଶ୍ୱର ତହସିଲ ଅନ୍ତର୍ଗତ ଜମାଲପୁର ରାଜସ୍ୱ ନିରିକ୍ଷକଙ୍କ ଅଧିନରେ ବାଘମାରୀ ଗାଁର ସରକାରୀ ସ୍ଥାନରେ ରହିଥିବା ଜଣେ ବ୍ୟକ୍ତିକୁ ଜବର ଦଖଲରୁ ହଟାଇ ଦିଆଯାଇଛି । ଘଟଣାରୁ ପ୍ରକାଶ ବର୍ଦ୍ଧନା ପଂଚାୟତର ଲାକୟା ଟୁଡୁଙ୍କ ପୁଅ ଲୁବୁ ଟୁଡୁ ଗତ କିଛିଦିନ ଧରି ବାଘମାରୀ ଗାଁର ଉପସ୍ୱାସ୍ଥ୍ୟ କେନ୍ଦ୍ର ଚିହ୍ନଟ ସ୍ଥାନ ନିକଟରେ ଘର କରି ରହିଥିଲା । ଗ୍ରାମବାସୀଙ୍କ ପକ୍ଷରୁ ଯେତେ ତାଗିଦ୍ କଲେ ମଧ୍ୟ ସେ ସେଠାରୁ ଯାଉନଥିଲା । ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କ ଠାରେ ବାରମ୍ବାର ଅଭିଯୋଗ ହେବା ପରେ ଆଜି ତହସିଲଦାର ସ୍ମୃତି ରଂଜନ ମଲ୍ଲିକ, ଏସ୍‌ଡିପିଓ ଅଂକିତା କୁମାର, ଆଇଆଇସି ରେଜାଲିନ୍ ବେହେରା, ଆର୍‌ଆଇ ଦିଲ୍ଲିପ ଚାନ୍ଦ, ସୃଷ୍ଟଧର ପଟ୍ଟାୟତ, ପ୍ରଭୁରାମ କାୟସ୍ତ ଜବରଦଖଲ ଉଚ୍ଛେଦର ସହାୟତା କରିଥିବା ବେଳେ ସରପଂଚ ପ୍ରବୀର ଦାସ, ସଂଗ୍ରାମ ପଟ୍ଟନାୟକ, ସରୋଜ ରାଉତ, ଗ୍ରାମମୁଖ୍ୟ କରୁଣାକର ଜେନା, ମନୋରଂଜନ ରାଉତ, ସୁବଳ ପ୍ରମାଣିକ, ଖଗେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ସାହିତ୍ୟ ଆସର



ବାଲିଆପାଳ, ୨୭/୦୬ (ନି.ପ୍ର): ବାଲିଆପାଳର ଅନ୍ୟତମ ପୁରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ସିମୁଳିଆ ବଜାର ସ୍ଥିତ ସଂସଦ କାର୍ଯ୍ୟାଳୟରେ ସଂସଦର ପ୍ରତିଷ୍ଠାତା ଆବାହକ କବି କାଳିପଦା ପଣ୍ଡା ସଭାପତିତ୍ୱ କରିଥିଲେ । ବୈଠକରେ ନାଟ୍ୟକାର ଝାଡେଶ୍ୱର ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ପୂର୍ବକ ଏହି ପୂଜ୍ୟପୂଜା ସଂସଦ ଦୀର୍ଘ ୨୦ ବର୍ଷ ତଳୁ ପ୍ରତିଷ୍ଠା ହୋଇ ଅନେକ ବର୍ଷ ସକ୍ରୀୟ କାର୍ଯ୍ୟାକ୍ଷମ ରହିଥିବାର ସୂଚନା ଦେଇଥିଲେ । ଏଭଳି ପୁରାତନ ଅନୁଷ୍ଠାନକୁ ପୁନଃଜୀବିତ କରିବା ନିମନ୍ତେ ସମସ୍ତଙ୍କ ସହ ଯୋଗ କାମନା କରିଥିଲେ । ବହୁ ସଦସ୍ୟ ଓ ଲେଖକ ଏହି ବୈଠକରେ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିବା ବେଳେ ପ୍ରତିମାସରେ ୧୫ ଦିନକୁ ସଂସଦ ପକ୍ଷରୁ ଏକ ପାକ୍ଷିକ ସାହିତ୍ୟ ଆସର ଅନୁଷ୍ଠିତ ହେବାର ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକରେ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ସନ୍ୟାସୀ ବେହେରା, ଅଧ୍ୟାପକ ନିରଞ୍ଜନ ବେହେରା, ଭୀମ ଚରଣ ବେହେରା, ଅଞ୍ଜଳୀ ଶତପଥୀ, ଡ.କୃଷ୍ଣାକୁମାରୀ ନାୟକ, ସେହ୍ନଲତା ନାୟକ,ଭାରତୀ ବେହେରା, ବିଜୟ କୁମାର ପାତ୍ର ସାଗର ପଟ୍ଟନାୟକ, ପ୍ରକାଶ ପ୍ରଧାନ, ପ୍ରଦୀପ ଜେନା, ଅମରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଜୁଲାଇ ୨ରୁ ଓପେସାର ଦୁଇ ଦିନିଆ ରାଜ୍ୟସ୍ତରୀୟ ପଲ୍ଲୀ କୁଇଜ ପ୍ରତିଯୋଗିତା

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ରାଜ୍ୟରେ ବୈଷୟିକ ବିଦ୍ୟାପ୍ରତି ଆଗ୍ରହ ବୃଦ୍ଧି କରିବା ଏବଂ କେବଳ ନିଯୁକ୍ତି ନୁହେଁ ନିଜ ଭିତରେ ଦକ୍ଷତା ବିକାଶ ଓ ଆତ୍ମନିର୍ଭର ହେବ ପାଇଁ ଆସନ୍ତା ଜୁଲାଇ ୨ ଓ ୩ ତାରିଖରେ ଦୁଇଦିନିଆ ପଲ୍ଲୀ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହେବ । ଓପେସା ଏବଂ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ଓଡିଶା ମିଳିତ ସହଯୋଗରେ ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଡିପ୍ଲୋମା ବୈଷୟିକ ଶିକ୍ଷାଅନୁଷ୍ଠାନର ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେବେ ବୋଲି ଓପେସାର ସାଧାରଣ ସମ୍ପାଦକ ଇଂ ସରୋଜ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ପ୍ରତିଯୋଗିତା ଇଂଜିନିୟରିଙ୍ଗ୍, ଇନୋଭେସନ୍ ଓ ଆନ୍ତ୍ରୋପନିୟରଶୀପ ଏହି ତିନୋଟି ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହେବ ଯାହା ଛାତ୍ରଛାତ୍ରୀଙ୍କ ଜ୍ଞାନର ଅଭିବୃଦ୍ଧିରେ ସହାୟକ ହେବ ବୋଲି ଓପେସାର ସଭାପତି ତଥା ବିଧାୟକ ପ୍ରଫୁଲ ସାମଲ କହିଛନ୍ତି । ଉତ୍ସବରେ ମୁଖ୍ୟ ଅତିଥି ଭାବେରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରିତିରଞ୍ଜନ ଘଡେଇ, ସମ୍ମାନିତ ଅତିଥି ଭାବେ ଷ୍ଟାର୍ଟଅପ୍ ଓଡିଶାର ଏକଜ୍ୟୁଟିଭ୍ ଚେୟାରମ୍ୟାନ ଡ ଓମକାର ରାୟ ପ୍ରମୁଖ ବହୁ ମାନଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ଓପେସାର ଉପ ସଭାପତି ଇଂ ମନୋଜ କୁମାର ଦାସ ସୂଚନା ଦେଇଛନ୍ତି।

## ଫକୀରମୋହନ ସାହିତ୍ୟ ପରିଷଦର ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା

ବାଲେଶ୍ୱର, ୨୭/୦୬ (ନି.ପ୍ର): ଆସନ୍ତା ଜୁଲାଇ ୧୮ରେ ହେବାକୁ ଥିବା ଭାରତର ରାଷ୍ଟ୍ରପତି ନିର୍ବାଚନରେ ଓଡ଼ିଶା ମାଟିର ସୁଯୋଗ୍ୟା କନ୍ୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଶ୍ରୀମତୀ ମୁର୍ମୁଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସେ ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବାରେ ପ୍ରଥମ ଓଡ଼ିଆ ହେବେ ବୋଲି ଆନନ୍ଦ ପ୍ରକାଶ ପାଇଥିଲା। ଶ୍ରୀମତୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅକୁଣ୍ଠ ସମର୍ଥନ ନିମନ୍ତେ ଉଭୟଙ୍କୁ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଭା ପରିଚାଳନା କରି ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଶ୍ରୀମତୀ ମୁର୍ମୁଙ୍କ ସଂଘର୍ଷମୟ ଜୀବନକାହାଣୀ ବଖାଣିବା ସହ ତାଙ୍କୁ ରାଷ୍ଟ୍ରପତି ଆସନରେ ଦେଖିବାକୁ ସମଗ୍ର ଓଡ଼ିଆ ଜାତି ଅପେକ୍ଷା କରି ରହିଛି ବୋଲି କହିଥିଲେ। ସଂପାଦକ ଦୀପକ ବୋଷ କହିଲେ ଯେ ରାଜନୀତିର ବହୁ ଉର୍ଦ୍ଧ୍ୱରେ ନିଜକୁ ରଖି ଓଡ଼ିଶା ମାଟିର ସୁକନ୍ୟା ଶ୍ରୀମତୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭାବେ ଜିତାଇ ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ବାସ୍ତବରେ ପ୍ରଶଂସନୀୟ। ଏଥିପାଇଁ ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏକ କବିତାପାଠୋତ୍ସବର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଉପସଭାପତି ପ୍ରଦୀପ ଚାଟ୍ଟାର୍ଜୀ, କୋଷାଧକ୍ଷ ତପନ ରାୟ, ରଂଜନ ବାଗ, ଶ୍ରୀରୂପା ମଞ୍ଜରୀ ସେନ, ଜୟନ୍ତ ରଣା, ବାସନ୍ତୀ କର, କୃଷ୍ଣା ପ୍ରଧାନ, ସଙ୍ଗୀତା ବାରିକ କବିତା ପାଠ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସଂପାଦିକା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ସମସ୍ୟା ସାମାଧାନ ଦାବିରେ ଜାଗ୍ରତ ନାରୀ ସଂଘର ସ୍ମାରକପତ୍ର

ବାଲେଶ୍ୱର,୨୭/୦୬ (ନି.ପ୍ର): ବାଲେଶ୍ୱର ସହରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଜାଗ୍ରତ ନାରୀ ସଂଘ କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଗଠନର ସମ୍ପାଦକ ସମାଜସେବୀ ମମତା ଦାସଙ୍କ ନତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ସହ ସମ୍ପ୍ରତି ସହରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଶେଷ କରି ଦିନକୁ ଦିନ ସହରରେ ଯାନବାହାନ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଜବରଦଖଲ ଉଚ୍ଛେଦରେ ପ୍ରସାନିକ ଅବହେଳା ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି ବୋଲି କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବାଲେଶ୍ୱର କଚେରୀ ହତା ତଥା ସଂଲଗ୍ନ ଅଞ୍ଚଳରେ ଥିବା ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟାଳୟକୁ ଦୈନନ୍ଦିନ ହଜାର ହଜାର ଲୋକେ ନିଜ ନିଜର କାମ ପାଇଁ ଆସୁଛନ୍ତି। ତେବେ ଉଲେଖନୀୟ ବିଷୟ ହେଲା କଚେରୀ ହତା ମଧ୍ୟରେ ଶୌଚାଳୟଟିଏ ନଥିବା ଯୋଗୁଁ ମହିଳାମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜାଗ୍ରତ ନାରୀ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ବାଧ୍ୟ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଏକଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ବନ୍ଦର କର୍ମଚାରୀଙ୍କୁ ବିରୋଧ : ଡଗରା ବଡଗୁମୁଟି ଛକରେ ଉତ୍ତେଜନା



ବାଲିଆପାଳ, ୨୭/୦୬ (ନି.ପ୍ର): ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଅନିଶ୍ଚିନ୍ତତା ଲାଗିରହିଛି । ଗୋଟିଏ ପଟେ ବନ୍ଦର ଅଂଶ ଦାର ଟାଟା କମ୍ପାନୀ ପକ୍ଷରୁ ଅର୍ଦ୍ଦିଦାରୁ ଚଉମୁଖ ପର୍ଯ୍ୟନ୍ତ ସଂଯୋଜକ କରିବାକୁ ଥିବା ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିବାବେଳେ ଅନ୍ୟ ପଟେ ବନ୍ଦର ହେବାକୁ ଥିବା ଚଉମୁଖ ଏବଂ ଡଗରା ଲୋକମାନେ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଆଜି କିଛି ବନ୍ଦର କର୍ମଚାରୀ ପୁଲିସ ସହାୟତାରେ ଚଉମୁଖ ଯିବାର ସୂଚନା ମିଳିଥିଲା । ଏହା ଜାଣି ପାରି ସେମାନଙ୍କୁ ବିରୋଧ କରିବ ପାଇଁ ଡଗରା ବଡଗୁମୁଟି ଛକଠାରେ ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇଥିଲେ । ମଧ୍ୟାହ୍ନ ପ୍ରାୟ ଏକ ଘଟିକା ସମୟରେ ବନ୍ଦର କର୍ମଚାରୀଙ୍କ ସହିତ ବାଲିଆପାଳ ଥାନା ଆଇଆଇସି ପର୍ଶୁରାମ ସାହୁ ପୁଲିସ ଫୋର୍ସ ସହ ୩ଟି ଗାଡିରେ ସେଠାରେ ପହଂଚିଥିଲେ । ଲୋକମାନେ ରାସ୍ତା ଉପରେ ବସିରହି ସେମାନଙ୍କୁ ବାଟ ଛାଡିନଥିଲେ । ଘଟଣାସ୍ଥଳରେ ତୀବ୍ର ଉତୋଜନା ପ୍ରକାଶ ପାଇଥିଲା। ପରେ ପରେ ଅଧିକ ସଂଖ୍ୟକ ଲୋକ ଏକଜୁଟ ହୋଇଥିଲେ । ଖବର ପାଇ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଘଟଣାସ୍ଥଳରେ ପହଂଚିଥିଲେ। ସେ ଲୋକମାନଙ୍କୁ ବୁଝାସୂଜା କରିଥିଲେ। ମଧ କେହି ବନ୍ଦର କର୍ମଚାରୀଙ୍କୁ ଛାଡି ନଥିଲେ। ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଚଉମୁଖ ଯାଇନ ପାରି ସମସ୍ତେ ଫେରିଆସିଥିଲେ।

## ଅଗ୍ନିପଥ ଯୋଜନା ବିରୋଧରେ ଜଳେଶ୍ୱର କଂଗ୍ରେସର ସତ୍ୟାଗ୍ରହ

ଜଳେଶ୍ୱର, ୨୭/୬(ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସ ଡାକରାରେ ସାରା ଦେଶରେ ଅଗ୍ନିପଥ ଯୋଜନା ବିରୋଧରେ ସତ୍ୟାଗ୍ରହ ଆରମ୍ଭ ହୋଇଛି । ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆଜି ଏହି ସତ୍ୟାଗ୍ରହ ଜଳେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଯୋଗ ଦେଇ ବିଭିନ୍ନ ନାରାବାଜି କରିଥିଲେ । ଏହି ଯୋଜନାକୁ ବାତିଲ କରିବାଲାଗି ଏବଂ ଯୁବ ସମାଜକୁ ବିପଥଗାମୀ କରିବାଲାଗି ଏହା ଏକ ଶାସକ ଦଳର ଚାଲାକି ବୋଲି ବକ୍ତମାନେ କହିଥିଲେ । ଏଥିରେ ବ୍ଲକ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ରିଆଜ ଖାଁ, ପଦ୍ମଲୋଚନ ବେହେରା, ଗୌରାଙ୍ଗ ମହାପାତ୍ର, ସଂଜୟ ଜେନା, ଥିରେନ ଦେ, କୁମୁଦ ବାରିକ, ପ୍ରଦୀପ ପ୍ରଧାନ, କାର୍ତ୍ତିକ ବେହେରା, ଶରତ ଜେନା, ଗଭବାନ ଜେନା ଓ ରବିନ୍ଦ୍ର ଦାସ ପ୍ରମୁଖ ଏହି ଯୋଜନାକୁ ସମାଲୋଚନା କରିଥିଲେ ।

## ଏକଲ ଅଭିଯାନର ଦକ୍ଷତା ବିକାଶ ବର୍ଗ ଅନୁଷ୍ଠିତ



ଉଦଳା, ୨୭/୦୬ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ, ବାରିପଦା ଅଞ୍ଚଳ ଉଦଳା କେନ୍ଦ୍ରର ନିୟନ୍ତ୍ରଣରେ ଭିମତାଳୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚଳିତ ଜୁନ ୨୨ ତାରିଖ ବୁଧବାର ଠାରୁ ୨୬ ତାରିଖ ରବିବାର ପର୍ଯ୍ୟନ୍ତ ୫ ଦିନ ଧରି ଦକ୍ଷତା ବିକାଶ ବର୍ଗ ଅନୁଷ୍ଠିତ ହୋଇ ଯାଇଛି । ବର୍ଗ ପ୍ରତ୍ୟେହ ପ୍ରାତଃ ୪ଘଣ୍ଟା୩୦ ମିନିଟରୁ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଚାଲୁଥିଲା । ପ୍ରତିଦିନ ସନ୍ଧ୍ୟା ୭ ଘଟିକାରେ ସତସଙ୍ଗ ଓ ରାତ୍ରୀ ୯ଟାରେ ଆନନ୍ଦ ମେଳା ଖୁବ ଆନନ୍ଦଦାୟକ ଥିଲା । ବର୍ଗରେ ୮ ଜଣ ଭାଇ ଓ ୬ ଜଣ ଭଉଣୀ ମୋଟ ୧୪ ଜଣ ଶିକ୍ଷାର୍ଥୀ ଭାବରେ ପ୍ରଶିକ୍ଷଣ ନେଉଥିଲେ । ଭାଗ ଗ୍ରାମ ସ୍ୱରାଜ ଶିକ୍ଷା ପ୍ରମୁଖ ବେଣୁଧର କଣ୍ଟାବାଉଁଶିଆ, ଅଞ୍ଚଳ ଗ୍ରାମ ସ୍ୱରାଜ ଶିକ୍ଷା ପ୍ରମୁଖ ଗୌରଚନ୍ଦ୍ର ଜେନା, ଅଞ୍ଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ସ୍ୱପ୍ନେଶ୍ୱର ନାୟକ, କାର୍ଯ୍ୟାଳୟ ପ୍ରଭାରୀ ମନୋରଂଜନ ମଲ୍ଲିକ, ସଂପାଦକ ସୁବ୍ରତ କୁମାର ମହାନ୍ତି ପଞ୍ଚମୁଖୀ ଶିକ୍ଷା ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ପ୍ରଧାନ ଶିକ୍ଷକ ଅଜୟ କୁମାର ପତି ଅତିଥି ଭାବରେ ଯୋଗ ଦେଇ ଏକଲ ଅଭିଯାନର ଲକ୍ଷ, ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବା ସହିତ ଶ୍ରୀ ଅରବିନ୍ଦଙ୍କ ଅଖଣ୍ଡ ଭାରତର ସ୍ୱପ୍ନ ସାକାର ରୂପ ନେବାକୁ ଯାଉଛି ବୋଲି ଅବଗତ କରାଇଥିଲେ । ସଭାପତି ଗୋପୀନାଥ ଜେନା, ସମିତି ସଦସ୍ୟ ବୈଦ୍ୟନାଥ ସିଂ, ନମିତା ରାଉତ, ଅନିତା ବିଶ୍ୱାଳ, ମନୋରଂଜନ ଚୌଧୁରୀ ପ୍ରତିଦିନ ସତସଙ୍ଗରେ ଯୋଗ ଦେଇ ଭାରତର ଯେଉଁ ପ୍ରାନ୍ତରୁ ହିନ୍ଦୁଙ୍କ ସଂଖ୍ୟା କମି ଯାଉଛି, ସେ କିପରି ଭାରତରୁ ଅଲଗା ହେବାକୁ ଚେଷ୍ଟା କରୁଛି ଉଦାହରଣମାନ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି ଓ କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥୀ ବର୍ଗ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଗିତାପ୍ରଭାସିନୀ ପାଢ଼ୀ, ରିତାଞ୍ଜଳୀ ପ୍ରଧାନ, ସିତା ବିଶ୍ୱାଣୀ, କନକଲତା ଘଡ଼େଇ ଓ ଦେବକୀ ମହାନ୍ତ ସହଯୋଗ କରିଥିଲେ ।

## ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ, ଭଦ୍ରକ ଶାଖା ତରଫରୁ ବିକ୍ଷୋଭ ଶୋଭାଯାତ୍ରା




ଭଦ୍ରକ,୨୭/୦୬ (ନି.ପ୍ର): ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓସ୍ରୁ), ଭଦ୍ରକ ଶାଖା ତରଫରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା । ହୋଟେଲ ପାନ୍ଥିକା ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଚାନ୍ଦବାଲି ବାଇପାସ୍, ଗୋଶାଳା ଛକ, ମେଡିକାଲ ଛକ ହୋଇ ବନ୍ତ ଛକରେ ପହଞ୍ଚିଥିଲା । ଏହି ଅବସରରେ ୟୁନିୟନର ବିଭିନ୍ନ ଦାବୀ ସମ୍ପର୍କରେ ସ୍ଲୋଗାନ ଦିଆଯାଇଥିଲା । ଦାବୀଗୁଡ଼ିକ ମଧରେ ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିବା, ବନ୍ଦ ହୋଇଯାଇଥିବା ସରକାରୀ ପ୍ରତିଷ୍ଠାନକୁ ପୁନଃ ଚାଲୁ କରିବା, ଅନ୍‌ଲାଇନ୍‌ରେ ଔଷଧ ବିକ୍ରିକୁ ବନ୍ଦ କରିବା, ଔଷଧକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ ନକରିବା, ଜିଡ଼ିପି ୫ ପ୍ରତିଶତ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରିବା ଏବଂ ଔଷଧର ଆକାଶଛୁଆଁ ମୂଲ୍ୟ ବନ୍ଦ କରିବା, ରିପ୍ରେଜେଣ୍ଟେଟିଭ୍ ମାନଙ୍କ ମାସିକ ଦରମା ସର୍ବନିମ୍ନ ୨୬ ହଜାର କରିବା, ଏସ୍‌ପିଇ ଆକ୍ଟକୁ ଉଚ୍ଛେଦ ନକରିବା ଭଳି ଦାବୀ ଉପସ୍ଥାପନ କରାଯାଇଥିଲା । ଏହି ବିକ୍ଷୋଭରେ ୟୁନିୟନ୍‌ର ରାଜ୍ୟ ଯୁଗ୍ମ ସମ୍ପାଦକ ଭାସ୍କର ମିଶ୍ର, ଅରୁଣ ମିଶ୍ର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କ ସମେତ ଭଦ୍ରକ ଶାଖା ସଭାପତି ଦେବକାନ୍ତ ରାଉତ, ସମ୍ପାଦକ ରବୀନ୍ଦ୍ର ପାଣିଗ୍ରାହୀ, କୋଷାଧକ୍ଷ ସୌମ୍ୟରଞ୍ଜନ ସାହୁ, ବସନ୍ତ ନାୟକ ଏବଂ ୟୁନିୟନର ସମସ୍ତ କର୍ମକର୍ତ୍ତା, ସଦସ୍ୟମାନେ ସାମିଲ ହୋଇଥିଲେ ।

## ଏଟିଏମ୍ ଭଙ୍ଗା ଲୁଟ୍ ମାମଲାରେ ଆସାମୀକୁ ୩ବର୍ଷ ଦଣ୍ଡାଦେଶ

ବସ୍ତା, ୨୭/୦୬ (ନି.ପ୍ର): ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଯୋଡିସିଆଲ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର ଜେ ଏମ ଏଫ ସି ବସ୍ତା କୋର୍ଟ୍ ଏକ ଏଟିଏମ ଭାଙ୍ଗୀ ଟଙ୍କା ଚୋରି ମାମଲାରେ ଆସାମିକୁ ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ ସିଂଲାଥାନା ଅନ୍ତର୍ଗତ ଭାରତୀୟ ଷ୍ଟେଟବ୍ୟାଙ୍କ ର କାଣ୍ଡଗାଁହାଟ ଶାଖା ଅଧିନରେଥିବା ଏକ ଏଟିଏମ କୁ ଗତ ୧୮ ।୩ ରାତ୍ରିରେ ଭାଙ୍ଗିଦେଇ ଆସାମି ଭାସ୍କର ମାହାଳିକ ଏ ଅନ୍ୟ ସହଯୋଗି ମିଶି ସେଥିରେଥିବା ଟଙ୍କା ଲୋଟ କରିଥିଲେ । କାଣ୍ଡଗାର ବ୍ରାଞ୍ଚ ମେନେଜର ସତ୍ୟ ନାରାୟଣ ସାହୁଙ୍କଏତାଲା ମୂଳେ ସାଂଲା ଥାନାରେ କେସ ନଂ୪୮(୪୮) ଗତ୧୯ ।୩ ରେରୁଜୁ ହୋଇଥିଲା। ତତ୍ କାଳିନ ଥାନା ଅଫିସର ସୁବ୍ରତକୁମାର ବେହେରା ନିଜେ ତଦନ୍ତ ଭାର ନେଇଥିଲେ । ସାଇଣ୍ଟିଫିକ ଟିମ ସମେତ ବିଭିନ୍ନ ସାକ୍ଷୀ ମାନଙ୍କ ବୟାନ ଜବତସାମଗ୍ରିସହ ତାଲିକା ଇତ୍ୟାଦି ସଂଗ୍ରହଣ ପରେ ଅଧିକାରୀ ଚାରସିଟ ଦାଖଲ କରିଥିଲେ । ଏହି କେଶ ବସ୍ତା କୋର୍ଟ ୟୁ ଟି ପି କେସ ନଂ ୪୫/୨୦ ମୁଳେ ବିଚାର ହୋଇ ସାକ୍ଷୀ ୧୧ଜଣଙ୍କ ବୟାନ ରେକଡ କରିବାସହ ବିଭିନ୍ନ କାଗଜପତ୍ର ପ୍ରର୍ଦଶନ ଓ ଯାଞ୍ଚ ପରେ ଉଭୟପକ୍ଷଙ୍କ ଆର୍ଗୁ ମେଣ୍ଟ ଶୁଣାଇ ବାପରେ ଆଜି ଆସାମୀ ଶ୍ରୀମହାଳିକଙ୍କୁ ଦଫା ୪୫୭ରେ ୩ବର୍ଷ ଦଣ୍ଡ ସହ ୩ହଜାରଟଙ୍କା ଜୋରିମାନା ଏବଂ୩୮୦ଦଫାର ୨ବର୍ଷ ଦଣ୍ଡ ପ୍ରଦାନସହ ୧ହଜାର ଟଙ୍କା ଜୋରିମାନା ଏକ କାଳିନ ସୁଚାଇଛନ୍ତି । ଅର୍ଥାତ ଆସାମିକୁ ୩ବର୍ଷ ଦଣ୍ଡ ଭୋଗିବାସହିତ ୩ହଜାରଟଙ୍କ ଜୋରିମାନା ପ୍ରଦାନକରିବେ । ନହେଲେ ଆଉ ୨ମାସ ୧୫ଦିନ ଅଧୀକ ଦଣ୍ଡ ଭୋଗିବେ । ଏହିକୋର୍ଟ କୁସରକାର ପକ୍ଷରୁ ସରକାରୀ ଓକିଲ ଜିତେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ପ୍ରଣବ ରଞ୍ଜନ ମିଶ୍ରପକ୍ଷରୁ ପରିଚାଳନା କରିଥିଲେ ।

## ଲାଇଫ ଇନ୍‌ସୁରାନ୍ସ ଫେଡେରେସନ ଅଫ ଇଣ୍ଡିଆର ୨୮ତମ ବାର୍ଷିକ ଉତ୍ସବ

ଜଳେଶ୍ୱର, ୨୭/୬(ନି.ପ୍ର): ଜଳେଶ୍ୱରସ୍ଥିତ ଭାରତୀୟ ଜୀବନବୀମା ନିଗମ କାର୍ଯ୍ୟାଳୟ ପରିସରରେ ଲାଇଫ ଇନ୍‌ସୁରାନ୍ସ ଫେଡ୍ରେସନ ଅଫ ଇଣ୍ଡିଆ (ଲିଆପି)ର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ସଂଗଠନର ସଭାପତି ଅନାଦି ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ଡିଭିଜନାଲ କାଉସିଲର ସଭାପତି ସପନ ମହାନ୍ତି ଯୋଗ ଦେଇ ଏଜେଣ୍ଟ ମାନଙ୍କ ବିଭିନ୍ନ ସମସ୍ୟାରେ ସମାଧାନ ନିମନ୍ତେ ସଂଗଠନ କାର୍ଯ୍ୟ କରୁଥିବା ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ଏମ୍ପ୍ଲୟି ଏସୋସିଏସନ୍‌ର ସଭାପତି ଅଜିତ୍ କୁମାର ଦାସ ଯୋଗ ଦେଇ କୌଣସି କ୍ଷେତ୍ରରେ ଭାରତୀୟ ଜୀବନ ବୀମାକୁ ଘରୋଇ କରଣକୁ ସଂଘ ପକ୍ଷରୁ ବିରୋଧ କରାଯିବା ସଂପର୍କରେ କହିଥିଲେ। ସମ୍ମାନୀତ ଅତିଥିଭାବେ ଶାଖା ଉପପ୍ରବନ୍ଧକ ସହସ୍ରାଂଶୁ ପୁରହିତ, ପୂର୍ବତନ ସଭାପତି ଭାସ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ସଭାପତି ମନୋରଂଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ସଂଜିବ କୁମାର ଘୋଷ ବାର୍ଷିକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ୪୨ଜଣ ଅଭିକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଜୀବନତମାମ ସେବା ନିମନ୍ତେ ଆଜୀବନ ସଦସ୍ୟଙ୍କୁ ଲିଆପି ଜଳେଶ୍ୱର ବେସ୍ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇଥିଲା । ମଂଚାସୀନ ଅତିଥି ମାନଙ୍କ ମଧ୍ୟରେ ସିଏଲଆଇଏର ସଭାପତି ଗୋପାଳ ମହାପାତ୍ର, ନିତାଇଲାଲ ଦେ, ପୂର୍ବତନ ସଭାପତି ତାପସ ଦାସ, ପୂର୍ବତନ ସଂପାଦକ ମଧୁସୂଦନ ଜେନା, ବିନୟ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ସଂଗଠନର ପତାକା ସଭାପତିଙ୍କ ଦ୍ୱାରା ଉତ୍ତଳନ କରାଯାଇଥିଲା । ଅରୁଣ କୁମାର ରାଉତ ମଂଚ ଆହ୍ୱାନ କରିଥିବା ବେଳେ ସୁବାସ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଜଳେଶ୍ୱର ନୃତ୍ୟଶିଖା ଫାଉଣ୍ଡେସନ ପକ୍ଷରୁ ପ୍ରାରମ୍ଭିକ ସ୍ୱାଗତ ନୃତ୍ୟ ଓ ସଂଗୀତ ପରିବେଶଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ କୁମାର ଜେନା, ପ୍ରିୟବ୍ରତ ଜେନା, ରାଜୀବ ଲୋଚନ ରାଉଳ, ପ୍ରତାପ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo